୨୩-୨୯ ଜୁନ୍ ୨୦୨୪

ସକାଳ
THE SAKALA

# ରବିବାର ସିନ୍ଦୂରା

- ମୃତ୍ୟୁ ଓ ପୁନର୍ଜନ୍ମ
- 'ମୃତ୍ୟୁ'ର ଆଲୋକିତ ସ୍ୱରୂପ
- ମୃତ୍ୟୁ, ମୋକ୍ଷ ଓ ମର୍ମ
- ମୃତ୍ୟୁ, ଅମରତ୍ୱ ଓ ମୃତ୍ୟୁ ପରେ...
- ମୃତ୍ୟୁ- ବଞ୍ଚିବାର ଏକ କଳା
- ଜନଜାତିରେ ମୃତ୍ୟୁ ଚେତନା



# ମୃତ୍ୟୁ



ମୃତ୍ୟୁ ସତ୍ୟ, ଚିରନ୍ତନ। ଜୀବନର ଅନ୍ତିମ ମୁହୂର୍ତ୍ତ ହେଉଛି ମୃତ୍ୟୁ। ମଣିଷ ଜନ୍ମ ନେଲେ, ଦିନେ ନା ଦିନେ ମୃତ୍ୟୁ ଲଭିବ। ଏହା ସଂସାର ଓ ପ୍ରକୃତିର ନିୟମ। ଆଧୁନିକ ଜ୍ଞାନକୌଶଳ, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ବିଜ୍ଞାନ ଯେତେ ବିକଶିତ, ଉନ୍ନତ ହେଲେ ସୁଦ୍ଧା ମୃତ୍ୟୁକୁ ରୋକାଯାଇପାରିନାହିଁ। କାରଣ ଯାହାର ଜନ୍ମ ହୋଇଛି , ତାହାର ମୃତ୍ୟୁ ନିଶ୍ଚିତ। ଏହା ଧ୍ରୁବ ସତ୍ୟ।

ମୃତ୍ୟୁକୁ ନେଇ ବେଦ, ପୁରାଣ, ଉପନିଷଦରେ ଅନେକ ବର୍ଣ୍ଣନା ରହିଛି। ବିଭିନ୍ନ ଧର୍ମ, ଦର୍ଶନରେ ମଧ୍ୟ ମୃତ୍ୟକୁ ନେଇ ଭିନ୍ନ ଭିନ୍ନ କଥା ଉଲ୍ଲେଖ ରହିଛି। ମୃତ୍ୟୁ ପରେ ଜଡ଼ ଶରୀର ପଡ଼ିରହିଥାଏ। କିନ୍ତୁ ଆତ୍ମା ଆଉ ଏକ ଗର୍ଭରେ ପୁନର୍ଜନ୍ମ ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। ତେବେ କେଉଁ କାରଣ ପାଇଁ ଜଣେ ପୁନର୍ଜନ୍ମ ଲାଭ କରିଥାଏ। ଏହି ପ୍ରଶ୍ନ ମନ ଭିତରେ ଆନ୍ଦୋଳିତ ହୋଇଥାଏ। ଆତ୍ମାର ସ୍ୱଭାବ କର୍ମ କରିବା। କୌଣସି ମୁହୂର୍ତ୍ତରେ ମଧ୍ୟ ଆତ୍ମା ବିନା କର୍ମରେ ଚୁପ୍ ହୋଇରହି ନଥାଏ। ତେବେ କର୍ମ ଅନୁସାରେ ଆତ୍ମା ପୁନର୍ଜନ୍ମ ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। ପୁନର୍ଜନ୍ମ ପାଇଁ ଆତ୍ମା ସର୍ବଦା ଈଶ୍ୱରାଧୀନ ଅଟେ। କେତେବେଳେ ଆତ୍ମାର ପୁନର୍ଜନ୍ମ ହୋଇନଥାଏ। ଏ ନେଇ ମଧ୍ୟ ମନରେ ସନ୍ଦେହ ରହିଛି। କୁହାଯାଏ, ଯେତେବେଳେ ଆତ୍ମା ମୋକ୍ଷପ୍ରାପ୍ତି ହୋଇଥାଏ, ସେତେବେଳେ ଆଉ ପୁନର୍ଜନ୍ମ ହୁଏ ନାହିଁ। କାରଣ ମୋକ୍ଷ ଲାଭ ପରେ ସ୍ଥୂଳ ଶରୀର ପଞ୍ଚତତ୍ତ୍ୱରେ ଲୀନ ହୋଇଯାଏ। ମୋକ୍ଷର ଅବଧି ଶେଷ ହେଲା ପରେ ଆତ୍ମାର ପୁନର୍ଜନ୍ମ ହୋଇଥାଏ। ତେବେ ଅନେକ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ମୃତ୍ୟୁ ପୂର୍ବ ଓ ମୃତ୍ୟୁ ପରର ସ୍ଥିତିକୁ ନେଇ ରହସ୍ୟ ଲାଗି ରହିଛି।

ମୃତ୍ୟୁ ଏକ ରହସ୍ୟ। ମୃତ୍ୟୁର ରହସ୍ୟକୁ କେହି ଏ ପର୍ଯ୍ୟନ୍ତ ଉନ୍ମୋଚନ କରିପାରିନାହାନ୍ତି। ମୃତ୍ୟୁକୁ ନେଇ ଧର୍ମ, ଦର୍ଶନ, ବେଦ, ପୁରାଣ ଭିନ୍ନ ଭିନ୍ନ କଥା କୁହାଯାଇଛି। ପୁଣି ମୃତ୍ୟୁ ସଂପର୍କରେ ମହାପୁରୁଷମାନଙ୍କ ମତ ଭିନ୍ନ ଭିନ୍ନ। ମୃତ୍ୟୁ, ପୁନର୍ଜନ୍ମ, ମୃତ୍ୟୁକୁ ନେଇ ଧର୍ମୀୟ ଭାବନା, ମୃତ୍ୟୁ ପରେ ସାମାଜିକ ବିଧିବିଧାନ ଆଦିକୁ ନେଇ ଏଥର 'ସିନ୍ଦୂରା' ସ୍ୱତନ୍ତ୍ର ଉପସ୍ଥାପନା: - **ମୃତ୍ୟୁ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ସ୍ୱାସ୍ଥ୍ୟ ଭଲ ରହିବ। ବେପାରରେ ମନମୁତାବକ ଫଳ ପାଇବେ। ବୁଧ, ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ। ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ। କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ। ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନପାଇ ଦୁଃଖିତ ହେବେ। ଶୁକ୍ର, ଶନିବାରରେ ବେରୋଜଗାରିଆଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ଧନହାନି ହୋଇପାରେ। ମନସ୍ତାପ ଓ ସମସ୍ୟା ବୃଦ୍ଧି ପାଇବ। ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ ବୁଝାମଣା ପାଇଁ ଦୂରତା ବଢ଼ିବ। ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ। ଭାଇଭଉଣୀଙ୍କ ସହଯୋଗ ପାଇବେ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ। ସମସ୍ୟାର ସମାଧାନ ଘଟିବ। ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିରେ ଶିକାର ହୋଇପାରନ୍ତି। ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ। ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ି ଯାଇପାରନ୍ତି। ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ। ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ। କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ। ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ। ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ।

**ତୁଳା**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ। ସମାଜରେ ମାନସମ୍ମାନର ଅଧିକାରୀ ହେବେ। ବୁଧ, ଗୁରୁବାରରେ ବ୍ୟବସାୟର ପ୍ରସାର ହୋଇପାରେ। ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ। ଦୂରଯାତ୍ରା ଯୋଗ ରହିଛି।

**ବିଛା**
ରବି, ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ। ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ। ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ। ଶୁକ୍ର, ଶନିବାରରେ ଉଚ୍ଚ ଆଶା ପୂରଣ ହେବେ।

**ଧନୁ**
ରବି, ସୋମ, ମଙ୍ଗଳବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ। ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ। ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ। ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ। ବିଦେଶ ଯାତ୍ରା ଯୋଗ ରହିଛି।

**ମକର**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ। ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ। ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ। ସନ୍ତାନମାନେ କ୍ୟାରିୟରରେ ଉନ୍ନତି କରିବେ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ। ଦୀର୍ଘଦିନର ଆଶା ପୂରଣ ହେବ। ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭାନ୍ୱିତ ହେବେ। କଠିନ ପରିଶ୍ରମ କରି ସଫଳତା ପାଇବେ।

**ମୀନ**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ। ପରିବାରରେ ଏକତା ବଢ଼ିବ। ବୁଧ, ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ। ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ। ସୁଖ ସନ୍ତୋଷର ଅଧିକାରୀ ହେବେ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ଡକ୍ଟର ତ୍ରିନାଥ ପଟ୍ଟନାୟକ

ମୃତ୍ୟୁ ପରେ ପ୍ରାଣୀ ବଞ୍ଚିବା ସଂପୂର୍ଣ୍ଣ ରୂପେ ଅସମ୍ଭବ । ଦେବତା ସୁଦ୍ଧା କାହାରିକୁ ପୁନଃଜୀବନ ଦେଇ ପାରନ୍ତିନାହିଁ । "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ହିଁ ମରଇ ।" ମାତ୍ର ଯେଉଁମାନଙ୍କର ସ୍ୱାଭାବିକ ମୃତ୍ୟୁ ହୋଇନଥାଏ । କିଛି ସମୟ ପାଇଁ ସଂଜ୍ଞାହୀନ ହୋଇଥାନ୍ତି, ସେମାନେ ପୁଣି ଶରୀର ମଧ୍ୟକୁ ଫେରି ଆସିଥାନ୍ତି । ମାତୃଗର୍ଭରେ ନଅ ମାସ ରହିଲା ପରେ ମନୁଷ୍ୟର ଜନ୍ମ ହୋଇଥାଏ । ଠିକ୍ ସେହିପରି ମୃତ୍ୟୁ ହେବାର ନଅ ମାସ ପୂର୍ବରୁ କିଛି ସଂକେତ ମିଳିଥାଏ । ଏହି ସଂକେତ ସୂକ୍ଷ୍ମ ସ୍ତରରେ ଅନୁଭୂତ ହୋଇଥାଏ । ତେବେ ନିଜ କର୍ମମୟ ଜୀବନରେ ଏହା ଉପରେ କେହି ଧ୍ୟାନ ଦେଇନଥାନ୍ତି । ଯେତେବେଳେ ମୃତ୍ୟୁ ସନ୍ନିକଟ ହୋଇଆସେ, ସେତେବେଳେ ସମୟ ଅତିକ୍ରାନ୍ତ ହୋଇସାରିଥାଏ । ଜୀବନରେ କିଛି କାମ ଅଧୁରା ହୋଇ ରହିଯାଇଥିବା ମନେ ହୁଏ । ଜୀବନର ଏଭଳି ଅନ୍ତିମ ପରିସ୍ଥିତିରେ ମନ ଅସ୍ଥିର ହୋଇଉଠିଥାଏ । ଆଉ ମୃତ୍ୟୁ ସମୟରେ କଷ୍ଟ ଅନୁଭବ ହୋଇଥାଏ । ପୁରାଣ ଅନୁସାରେ ମୃତ୍ୟୁ ସମୟରେ ଯଦି ମନ ଶାନ୍ତ ଓ ଚିନ୍ତାମୁକ୍ତ ହୋଇଥାଏ, ବିନା କଷ୍ଟରେ ଶରୀର ତ୍ୟାଗ ପ୍ରାଣ କରିଥାଏ । ଏଭଳି ବ୍ୟକ୍ତିର ଆତ୍ମାକୁ ପରଲୋକରେ ସୁଖ ପ୍ରାପ୍ତ ହୋଇଥାଏ । ମାନବର ପରଲୋକ ଓ ପୁନର୍ଜନ୍ମକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।



# ମୃତ୍ୟୁ ଓ ପୁନର୍ଜନ୍ମ



ମଣିଷ ଜୀବନରେ ମୃତ୍ୟୁ ଏକ ଚିରନ୍ତନ ସତ୍ୟ । କାହାର ଅକାଳରେ ମୃତ୍ୟୁ ହୋଇଥାଏ, ପୁଣି କାହାର ବାର୍ଦ୍ଧକ୍ୟ ଅବସ୍ଥାରେ ମୃତ୍ୟୁ ହୋଇଥାଏ । ଆଉ କାହାର ଅପମୃତ୍ୟୁ ହୋଇଥାଏ । ତେବେ ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ଶରୀରରୁ ପ୍ରାଣତ୍ୟାଗ ପରେ ପୁଣି ଥରେ ପୁନର୍ଜନ୍ମ ହୋଇଥାଏ ବୋଲି ଅନେକଙ୍କ ବିଶ୍ୱାସ ରହିଛି । ପରଲୋକ, ପୁନର୍ଜନ୍ମ, ସ୍ୱର୍ଗ, ନରକଭୋଗ ଆଦିକୁ ନେଇ ଅନେକ ବିଶ୍ୱାସ ରହିଛି । ଏହାର ଯାହା ସତ୍ୟତା ଥାଉନା କାହିଁକି । ମୁନିଋଷି, ବିଦ୍ୱାନମାନେ ଏହାକୁ ନେଇ ଭିନ୍ନ ଭିନ୍ନ କଥା କହିଛନ୍ତି । ବେଦ, ପୁରାଣ, ଧର୍ମ, ଦର୍ଶନରେ ମୃତ୍ୟୁକୁ ନେଇ ଅନେକ ବର୍ଣ୍ଣନା ରହିଛି ।

## ମୃତ୍ୟୁ ଧ୍ରୁବ ସତ୍ୟ

ଭାରତୀୟ ସଂସ୍କୃତି ଓ ହିନ୍ଦୁଧର୍ମ ଶାସ୍ତ୍ର ଅନୁସାରେ ପରଲୋକ ତଥା ପୁନର୍ଜନ୍ମ ସିଦ୍ଧାନ୍ତ ଅକାଟ୍ୟ ଏବଂ ଆଧାରଭୂତ ରୂପରେ ସର୍ବମାନ୍ୟ ଅଟେ । ଏହି ସିଦ୍ଧାନ୍ତକୁ ଆମର ଶାସ୍ତ୍ରମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ସମର୍ଥନ କରିଛନ୍ତି । ବେଦଠାରୁ ଆରମ୍ଭ କରି ଆଧୁନିକ ଦାର୍ଶନିକ ଗ୍ରନ୍ଥଗୁଡ଼ିକରେ ପରଲୋକ ଓ ପୁନର୍ଜନ୍ମ ପ୍ରତି ସମର୍ଥନ ଦେଇ ପୁଷ୍ଟି ମଧ୍ୟ କରିଛନ୍ତି । ପୁନର୍ଜନ୍ମ ଭାରତୀୟ ଦର୍ଶନ ଶାସ୍ତ୍ରର ବିଶିଷ୍ଟ ଦାର୍ଶନିକ ବିବେଚନାର ବିଷୟ ହୋଇଛି । ଏହି ବିଷୟରେ ବିଶିଷ୍ଟ ଦାର୍ଶନିକ, ତତ୍ତ୍ୱ ଚିନ୍ତକ, ମନୀଷଗଣ ଅତ୍ୟନ୍ତ ଗମ୍ଭୀରତା ସହିତ ମନନ ଓ ଚିନ୍ତନ କରିଛନ୍ତି । ବୌଦ୍ଧ ତଥା ଜୈନ-ଦର୍ଶନ ମଧ୍ୟ ଏହାକୁ ମାନ୍ୟତା ଦେଇଛନ୍ତି । ବୌଦ୍ଧ ଜାତକମାନଙ୍କରେ ତଥାଗତ ପୂର୍ବଜନ୍ମର ହଜାର ବର୍ଷ କଥା ଲିପିବଦ୍ଧ କରିଛନ୍ତି ।

ନ୍ୟାୟ ଦର୍ଶନରେ ମଧ୍ୟ ପରଲୋକ କଥା ପ୍ରତିପାଦ୍ୟ ବିଷୟ ରୂପେ ଗ୍ରହଣ କରାଯାଇଛି । ସର୍ବମାନ୍ୟ ସିଦ୍ଧାନ୍ତ ଗ୍ରନ୍ଥ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି :- ଜନ୍ମ ଓ ମୃତ୍ୟୁ ଅନ୍ୟୋନ୍ୟାଶ୍ରିତ ସଂପର୍କରେ ବନ୍ଧା । ଜନ୍ମ ଥିଲେ ମୃତ୍ୟୁ ଅଛି । ମୃତ୍ୟୁ ହେଲେ ଜନ୍ମ ତ ସ୍ୱୟଂସିଦ୍ଧ କଥା ।

***ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।*** (ଗୀତା: ୨/୨୭)

ପୂର୍ବଜନ୍ମ, ପୁନର୍ଜନ୍ମ ତଥା ପୁନଃ ପୁନର୍ଜନ୍ମ, ଏସବୁର ଏକମାତ୍ର କାରଣ ହେଉଛି – କର୍ମ ଯିଏ ଯାହା କରିଥାଏ ତା'ର ଫଳ ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ଅବଶ୍ୟ ଭୋଗିବାକୁ ପଡ଼ିଥାଏ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କର୍ମାନୁସାରେ ଫଳ ଅବଶ୍ୟ ଫଳିବ । ଭାରତୀୟ ଦର୍ଶନ ଅନୁସାରେ କର୍ମଫଳ ପରଲୋକରେ ଅଥବା କର୍ମ ଅନୁସାରେ କୌଣସି ଯୋନିରେ ପୁନର୍ଜନ୍ମ ନେଇ ଭୋଗିବାକୁ ପଡ଼ିଥାଏ । ବାଲ୍ୟ, ଯୌବନ ପରେ ପ୍ରୌଢ଼ାବସ୍ଥା ଓ ଶେଷରେ ଘନେଇ ଆସିଥାଏ ବୃଦ୍ଧତ୍ୱ । ଧ୍ରୁବ ସତ୍ୟ ମୃତ୍ୟୁ ତ ନିଶ୍ଚୟ ଆସିବ ।

ବେଦ, ପୁରାଣ ତଥା ଦର୍ଶନ ଆଦି ଶାସ୍ତ୍ରରେ ମୃତ୍ୟୁ ଓ ପୁନର୍ଜନ୍ମର ଗୂଢ଼ ପ୍ରଶ୍ନଉତ୍ତର ବିଭିନ୍ନ ଢଙ୍ଗରେ ଦିଆଯାଇଛି । ଏହି ଗମ୍ଭୀର ବିଷୟକୁ ଜନସାଧାରଣଙ୍କ

ବୋଧଗମ୍ୟ ହେବା ପାଇଁ ଚେଷ୍ଟା କରାଯାଇଛି। ଆଜିକାଲିର ବ୍ୟସ୍ତ ବିବ୍ରତ ସମାଜରେ ମନୁଷ୍ୟକୁ ସମୟ କାହିଁ ଜୀବନତତ୍ତ୍ୱକୁ ତର୍ଜମା କରିବା ପାଇଁ ? ବିଜ୍ଞାନ ଏମିତି ସତ୍ୟ ପଛରେ ଗୋଡ଼ାଇଛି ଯେ, ଯାହାକି ମନୁଷ୍ୟକୁ କେବଳ ସୁଖ ଦେବ ସିନା, ସନ୍ତୋଷ ଦେଇପାରିବ ନାହିଁ। ମନୁଷ୍ୟ ଥରେ ଯଦି ଚିନ୍ତାକରନ୍ତା, ମୁଁ ମୃତ୍ୟୁରେ କେଉଁଠି କି ଯିବି ? ଯେଉଁଠି କି ଯିବି ମୁଁ କରିଥିବା ପାପପୁଣ୍ୟର କିଛି ସମୀକ୍ଷ ହେବ କି ନାହିଁ? ତା'ର ପ୍ରତିଫଳରେ ମୋତେ କ'ଣ ସବୁ ଭୋଗିବାକୁ ପଡ଼ିବ? ତେବେ ମନୁଷ୍ୟ ଏହି ସଂସାର ଭିତରେ ଥାଇ କିଛିଟା ସତର୍କ ହୋଇ ପାରନ୍ତା ନିଜ ସ୍ୱାର୍ଥ ପାଇଁ ଯେଉଁ ଅନର୍ଥ ସୃଷ୍ଟି କରୁଛି, ସେଥିରୁ ବିରତ ହୁଅନ୍ତା।

ଶରୀରରୁ ଜୀବନ ଛାଡ଼ିଗଲା ପରେ ଅନ୍ୟ ଏକ ଆଧାର ଶରୀର ପ୍ରାପ୍ତ ହୋଇଥାଏ। କେହି କେହି କୁହନ୍ତି ତତ୍‌କାଳ ଅନ୍ୟ ଏକ ଶରୀର ମିଳିଥାଏ। "ଏ ଜୀବ ମୃତ୍ୟୁର ନିକଟେ, ଯାଇ ମିଳଇ ଅନ୍ୟ ଘଟେ।" ମାତ୍ର ସେଇ ଘଟ ବା ଶରୀର ସ୍ଥୂଳ ପଞ୍ଚଭୂତର ଶରୀର ନୁହେଁ। ଶରୀରରୁ ଜୀବ ବାହାରୁ ବାହାରୁ ଅନ୍ୟ ଶରୀର ଯେ ମିଶିଯାଏ ବା ପ୍ରବେଶ କରି ଯାଏ – ଏକଥା ଭାବିବା ଭୁଲ। ଜୀବକୁ ଏକ ଆଧାର ଶରୀର ବା ସ୍ଥାୟୀ ଶରୀର ମିଳିଥାଏ। ଜୀବକୁ ପାପପୁଣ୍ୟର ଫଳ ସ୍ୱରୂପକୁ ସ୍ୱର୍ଗ-ନର୍କକାଦି ଭୋଗ ମିଳିବା ପରେ ସ୍ଥୂଳ ଶରୀର ପାଇଁ ମାତୃଗର୍ଭ ମଧ୍ୟରେ ପ୍ରବେଶ କରିବାକୁ ହୁଏ, ଏହା ହିଁ ସତ୍ୟ।

## ସ୍ୱର୍ଗ ଓ ନର୍କ ଭୋଗ




ମୃତ୍ୟୁ ପରେ ଶରୀର ମିଳିବା ସତ୍ୟ, ତାହା ଆଧାର ମାତ୍ର। ଏଣୁ ତଥ୍ୟ ପ୍ରତି ବିରୋଧ କରିବା ଉଚିତ ନୁହେଁ, ସେହି ଆଧାର ଶରୀରର ଅତିବାହିକ ଶରୀରରେ ପରିଣତ ହୁଏ। ଏହାପରେ ଯଦି ଜୀବକୁ ତା'ର କର୍ମାନୁସାରେ ପୁଣ୍ୟ ଫଳ ଭୋଗ କରିବା ହୋଇଥାଏ, ତେବେ ତାହାକୁ ତେଜପ୍ରଧାନ 'ଦେବ ଦେହ' ମିଳିଥାଏ। ସେହି ଶରୀର ମାଧ୍ୟମରେ ସ୍ୱର୍ଗସୁଖ ଭୋଗ କରିଥାଏ। ଯଦି ଜୀବକୁ ପାପ ଫଳ ଭୋଗିବାକୁ ପଡ଼େ, ତେବେ ବାୟୁପ୍ରଧାନ 'ପ୍ରେତ ଦେହ' ପ୍ରାପ୍ତ ହୋଇଥାଏ। ଏହି ପ୍ରେତ ଦେହ ଜୀବନର ଇଚ୍ଛା ଅନୁସାରେ ରୂପ ପରିବର୍ତ୍ତନ କରିପାରେ। ଦୃଶ୍ୟମାନ ମଧ୍ୟ ବେଳେବେଳେ ହୋଇଥାଏ। ପୁରାଣ ବର୍ଣ୍ଣିତ ଯମଯନ୍ତ୍ରଣା ଏହି ପ୍ରେତ ଦେହ ଭୋଗିଥାଏ। ଏହାକୁ ନରକ ଯାତନା ବୋଲି କୁହାଯାଏ।

ସ୍ୱର୍ଗ ଓ ନରକ ଭୋଗ ସମାପ୍ତ ହେବା ପରେ ପ୍ରାଣୀ ବା ଜୀବ କାର୍ଯ୍ୟାନୁସାରେ ପୁନଃ ମନୁଷ୍ୟ କିମ୍ବା ପଶୁପକ୍ଷୀ ଯୋନିପ୍ରାପ୍ତ ହୋଇଥାଏ। ସ୍ୱର୍ଗ-ନରକ ଭୋଗ ପରେ ଯେ ଜୀବ ମନୁଷ୍ୟ ଯୋନି ପ୍ରାପ୍ତ ହେବ, ଏହା ନିଶ୍ଚିତ ନୁହେଁ। ଛନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି, ଜୀବର ଭଲ ଆଚରଣ ଥିଲେ ଶୀଘ୍ର ଉତ୍ତମ ଯୋନି ପ୍ରାପ୍ତ ହୋଇଥାଏ।



କଠୋପନିଷଦ କହିଛନ୍ତି : - 'ନ ହ ନ୍ୟତେ ହନ୍ୟମାନେ ଶରୀରେ'। ଶରୀର ହତ ହେଲେ ମଧ୍ୟ ଆତ୍ମା ହତ ହୁଅନ୍ତି ନାହିଁ। ସେ ଅଜ, ନିତ୍ୟ, ଶାଶ୍ୱତ ଓ ପୁରାତନ। ଅଣୁଠାରୁ ସୂକ୍ଷ୍ମରେ ମହାନଠାରୁ ମହତ୍ତର ଆତ୍ମା ପ୍ରାଣୀର ହୃଦୟ ଗୃହ ମଧ୍ୟରେ ଅବସ୍ଥିତ।

ଏହି ଲୋକରେ ଯେଉଁ ଆତ୍ମା, ସ୍ୱର୍ଗାଦି ପରଲୋକରେ ମଧ୍ୟ ସେହି ଆତ୍ମା ଅବସ୍ଥିତ। ପୁଣି ପରଲୋକରେ ଯେଉଁ ଆତ୍ମା ଅଛନ୍ତି, ଇହଲୋକରେ ମଧ୍ୟ ସେହି ଆତ୍ମା ହିଁ ଅନୁଗତ ଥାନ୍ତି। ଅଥବା ଏହି କାର୍ଯ୍ୟୋବାଧି ଦେହରେ, ଯେଉଁ ଚୈତନ୍ୟ ଅଦୃଶ୍ୟ କାରଣୋବାଧି ମାୟାରେ ମଧ୍ୟ ସେହି ଚୈତନ୍ୟ ଅଛନ୍ତି। ଯେଉଁ ବ୍ୟକ୍ତି ଏହି ଚୈତନ୍ୟକୁ ନାନା ରୂପରେ ଦର୍ଶନ କରେ, ସେହି ବ୍ୟକ୍ତି ମୃତ୍ୟୁ ପରେ ପୁନଃ ପୁନଃ ମୃତ୍ୟୁକୁ ପ୍ରାପ୍ତ ହୁଏ ଅର୍ଥାତ୍ ବାରମ୍ବାର ଜନ୍ମ-ମରଣ ପ୍ରବାହକୁ ଲାଭ କରେ।



## ଲୋକ-ପରଲୋକ



ଶରୀର ଭସ୍ମୀଭୂତ ହେଉଥିଲେ ସୁଦ୍ଧା ଆତ୍ମା (Soul) ଅମର। ଯେପରି ଲୁଗା ପୁରୁଣା ହେଲେ ତାକୁ ଛାଡ଼ି ମନୁଷ୍ୟ ନୂଆ ଲୁଗା ପିନ୍ଧେ, ସେହିପରି ଆତ୍ମା ଗୋଟିଏ ଘଟରୁ ଯାଇ ଅନ୍ୟ ଘଟରେ ରହିଥାଏ ବୋଲି ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି:-

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ,
ନବାନି ଗୃହଣାତି ନରୋଽପରାଣି
ତଥା ଶରୀରାଣୀ ବିହାୟ ଜୀର୍ଣ୍ଣା
ନ୍ୟନ୍ୟାନି ସଂଯାତି ନବାନି ଦେହୀ।"

ଆତ୍ମା ଅମର ହୋଇଥିବା ଯୋଗୁଁ ପ୍ରାଣୀର ମୃତ୍ୟୁରେ ଏହା ଅନ୍ୟ ଘଟରେ ପ୍ରବେଶ କରିଥାଏ ଏବଂ ପରମାତ୍ମାରେ ବିଲୀନ ହେବା ପର୍ଯ୍ୟନ୍ତ ଆତ୍ମାର ପୁନର୍ଜନ୍ମ ହୋଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଅନେକ ବିଶ୍ୱାସ କରନ୍ତି ଯେ ଆତ୍ମା ମୋକ୍ଷ ଲାଭ କରିବା ପୂର୍ବରୁ ପରମାତ୍ମା ସହିତ ମିଳିତ ହେବା ପର୍ଯ୍ୟନ୍ତ ତାକୁ ବିଭିନ୍ନ ସାତଗୋଟି ଲୋକ ଦେଇ ଗତି କରିବାକୁ ହୁଏ। ଏହି ବିଭିନ୍ନ ଲୋକ ମଧ୍ୟରୁ ପିତୃଲୋକ ଓ ବିଷ୍ଣୁଲୋକ ଅନ୍ୟତମ।

## ଆତ୍ମା ପୁଣି ଥରେ କାହିଁକି ଫେରେ

ଯଦି କିଛି ଏ ସଂସାରରେ ନିରାଟ ସତ୍ୟ ଥାଏ ତାହା ହେଉଛି ଜନ୍ମ ଏବଂ ମୃତ୍ୟୁ। ଜୀବନ ଏ ଧରଣୀରେ ଜନ୍ମ ହେଲେ ଦିନେ ନା ଦିନେ ମୃତ୍ୟୁପ୍ରାପ୍ତ ହେବ। ଜୀବର ମୃତ୍ୟୁ ପରେ ପୁନଃ ଏ ସଂସାରରେ ଜନ୍ମ ନେଇଥାଏ। ଏହା ଏକ ପ୍ରକ୍ରିୟା ଓ ଚିରନ୍ତନ ସତ୍ୟ। ଶାସ୍ତ୍ର ଅନୁସାରେ ଜୀବନ ମୃତ୍ୟୁର ଏକ ଚକ୍ର ଅନବରତ ଚାଲିଛି ଓ କାହିଁ କେଉଁ ଅନାଦି କାଳରୁ ମଧ୍ୟ ଲାଗି ରହିଛି।

ଆତ୍ମା ପୁଣି ଥରେ କାହିଁକି ଜନ୍ମ ନିଏ ? ଏ କଥା ବିଚାର କଲେ ଆଶ୍ଚର୍ଯ୍ୟ ଲାଗେନି କି ? ଏ ବିଷୟରେ ଆଠଗୋଟି କାରଣ ମୁଖ୍ୟ ବୋଲି କେତେକ ବିଦ୍ୱାନ ବିଚାର କରିଛନ୍ତି। ଏହି ସବୁ କାରଣଗୁଡ଼ିକର ପୂର୍ତ୍ତି ନିମନ୍ତେ ଆତ୍ମା ପୁନଃଜନ୍ମ ନେଇଥାଏ। ବାଧ୍ୟ ହୋଇ ଶରୀର ଧାରଣ କରେ। ପୁନର୍ଜନ୍ମର ଅର୍ଥ ହେଉଛି ଆତ୍ମା ପୁଣି ଥରେ ଜନ୍ମ ନିଏ। ଆତ୍ମା ଶରୀର ଧାରଣ କରି ଶିଶୁ ରୂପରେ ଏହି ଧରିତ୍ରୀ ଉପରେ ଜନ୍ମପ୍ରାପ୍ତ ହୁଏ, ଆଉ ଜୀବନ ସାରା କାମ କରିଥାଏ। ଶେଷରେ ମୃତ୍ୟୁ ହେବା ପରେ ଶରୀର ଛାଡ଼ି ଚାଲି ଯାଇଥାଏ। ସେଥିପାଇଁ ଆତ୍ମାକୁ ମୁଖ୍ୟତଃ ଆଠଗୋଟି କାରଣରୁ ପୁନଃଜନ୍ମ ନେବାକୁ ପଡ଼ିଥାଏ। ସେଗୁଡ଼ିକ ହେଉଛି ଭଗବାନଙ୍କ ଆଜ୍ଞା ଯୋଗୁଁ, ପୁଣ୍ୟକ୍ଷୟ ହୋଇଯିବା ପରେ, ପୁଣ୍ୟଫଳ ଭୋଗ କରିବା ପାଇଁ, ବ୍ୟକ୍ତି ପାପଫଳ ଭୋଗିବା ପାଇଁ, ପ୍ରତିଶୋଧ ନେବା ପାଇଁ, ଋଣ ଶୁଝିବା ପାଇଁ, ଅକାଳ ମୃତ୍ୟୁ ହେବା ଯୋଗୁଁ, ଅପୂର୍ଣ୍ଣ ସାଧନାକୁ ପୂର୍ଣ୍ଣ କରିବା ନିମନ୍ତେ।

ମୃତ୍ୟୁ ପରେ ପୁଣି ଆଶା ଥିବା ଯୋଗୁଁ ଆତ୍ମାକୁ ମୁକ୍ତି ନ ପାଇ ସଂସାରକୁ ଆସେ। ଏତେ ସୁନ୍ଦର ସଂସାର ଏହାକୁ ଛାଡ଼ି କେଉଁ ସନ୍ତୋଷ ପାଇଁ ଆତ୍ମା ନିର୍ବାଣ ଚାହିଁବ। ସେଥିରୁ ତାକୁ କ'ଣ ମିଳିବ! ସବୁ ପ୍ରାଣୀଙ୍କର ଜୀବନରେ ନିଶ୍ଚୟ ସୁଖ-ଦୁଃଖ ରହିଛି। ଦୁଃଖ ନଥିଲେ ସୁଖକୁ ଅନୁଭବ କରି ହେବ କି? ଯିଏ ଯାହା କହୁ ଆତ୍ମା କଦାପି ପଳାୟନ ପନ୍ଥୀ ନୁହେଁ। ତେବେ ଜନ୍ମ ମୃତ୍ୟୁ ରହସ୍ୟ ଭେଦ କରିବା ସହଜ କଥା ନୁହେଁ। ମୃତ୍ୟୁ ରହସ୍ୟ ସଂପର୍କରେ ବେଦ, ପୁରାଣ, ଉପନିଷଦ, ସାହିତ୍ୟରେ ଅନେକ ବର୍ଣ୍ଣନା ରହିଛି। ମୁନିଋଷି, ମହାପୁରୁଷମାନେ ମୃତ୍ୟୁକୁ ନେଇ ଅନେକ ମହତ୍ କଥା କହିଛନ୍ତି। ତଥାପି ମୃତ୍ୟୁ ସଂପର୍କରେ ଆହୁରି ଚିନ୍ତନ, ମନନ କରିବାର ଆବଶ୍ୟକତା ରହିଛି। ■



ସଂପାଦକ, ପୁରାଣ ପତ୍ରିକା, ନିଆଳି, କଟକ
ମୋ: ୯୯୩୭୮୪୦୩୮୭




# 'ମୃତ୍ୟୁ'ର ଆଲୋକିତ ସ୍ୱରୂପ




ଦୁର୍ଗା ପ୍ରସାଦ ଆଚାର୍ଯ୍ୟ



ମାନବ ସଭ୍ୟତାର ଉଷା ପ୍ରହରରୁ ମୃତ୍ୟୁ ପରି ଏକ ଅବଧାରିତ ସାର୍ବଜନୀନ ଘଟଣା ମଣିଷକୁ ରହସ୍ୟାଭିଭୂତ କରି ଆସିଛି- ତାକୁ ପ୍ରାଶ୍ନାକୁଳ କରିଆସିଛି । ଜୀବନ ଓ ମୃତ୍ୟୁ – ଏଇ ଦୁଇଟି ଚିରକାଳ ଧରି ପ୍ରହେଳିକା ପ୍ରାୟ ମଣିଷକୁ ମୁଗ୍ଧ, ବିସ୍ମିତ, ବିମୋହିତ କରିବା ସଙ୍ଗେ ସଙ୍ଗେ ଦ୍ୱନ୍ଦ୍ୱପୀଡ଼ିତ କରିଛନ୍ତି । ସ୍ୱାଭାବିକ ଭାବେ ତେଣୁ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଧର୍ମଶାସ୍ତ୍ର, ଦର୍ଶନ, ପୁରାଣ ତଥା ଆଖ୍ୟାୟିକାଗୁଡ଼ିକରେ ଏଇ ଦୁଇଟି ଦୁର୍ବୋଧ ଅବସ୍ଥାକୁ ବୁଝିବା ପାଇଁ ଭିନ୍ନ ଭିନ୍ନ ତତ୍ତ୍ୱରାଜି ସଜାଇ ଦିଆଯାଇଛି । ମଣିଷ ମାତ୍ରକେ ପ୍ରତ୍ୟେକ ବିଶେଷ କରି ମୃତ୍ୟୁ ସଂପର୍କରେ ଚିନ୍ତା ବ୍ୟକ୍ତ କରିଛନ୍ତି; ମୃତ୍ୟୁର ରହସ୍ୟ ଓ ସ୍ୱରୂପ ଉଦ୍‌ଘାଟନ କରିବା ପାଇଁ ସଘନ ପ୍ରୟାସ କରି ଘୋର ଦ୍ୱନ୍ଦ୍ୱଗ୍ରସ୍ତ ବି ହୋଇଛନ୍ତି ଏବଂ ଅଛିଣ୍ଡା ବିରୋଧାଭାସର ସମ୍ମୁଖୀନ ହୋଇ କେବଳ ପ୍ରଶ୍ନବାଚୀଗୁଡ଼ିଏ ଯାହା ଆମ ଆଗରେ ଥୋଇ ଦେଇଛନ୍ତି । ବେଦବେଦାନ୍ତର ତତ୍ତ୍ୱ ମୀମାଂସା ବା ଜ୍ଞାନ ମୀମାଂସାରୁ ଆରମ୍ଭ କରି ଆଧୁନିକ ସମୟର ବହୁ ଦାର୍ଶନିକ ବିଚାରବିମର୍ଶରେ ମୃତ୍ୟୁ ସଂପର୍କିତ ଜିଜ୍ଞାସାମାନ କେନ୍ଦ୍ର ସ୍ଥାନ ନେଇଛନ୍ତି । ଯେଉଁମାନେ ଆତ୍ମାର ଅସ୍ତିତ୍ୱ ଓ ଅମରତ୍ୱରେ ବିଶ୍ୱାସ କରନ୍ତି, ସେମାନେ ମୃତ୍ୟୁକୁ ନେଇ ବେଶ୍ ଆଶାବାଦୀ ତଥା ସକାରାତ୍ମକ, ଏପରିକି ସ୍ଥଳ ବିଶେଷରେ ବେଶ୍ ହର୍ଷୋତ୍‌ଫୁଲ୍ଲ ଆଭିମୁଖ୍ୟ ପ୍ରକାଶ କରିଥାନ୍ତି । ଅନୁରୂପ ଭାବରେ ଆତ୍ମା, ଅମରତ୍ୱ ବା ପରମଚେତନାର ଶାଶ୍ୱତତା ସଂପର୍କରେ ଆଦୌ ବିଶ୍ୱାସ କରୁନଥିବା ବା ସେ ସଂପର୍କରେ ସନ୍ଦେହ ପ୍ରକାଶ କରୁଥିବା ଚିନ୍ତକ, ଦାର୍ଶନିକ, ସାହିତ୍ୟିକମାନେ 'ମୃତ୍ୟୁ'କୁ ଜୀବନର ଶେଷ ପରିଚ୍ଛେଦ ବୋଲି ଗ୍ରହଣ କରିଥାନ୍ତି ଓ ମୃତ୍ୟୁ ଏକ ଚରମ ବିଲୋପନ ବା ବିସ୍ମୃତି ବୋଲି ଉପସ୍ଥାପନ କରି ସାଧାରଣ ମଣିଷକୁ, ଦୁର୍ବଳମନା ମଣିଷକୁ ଅସ୍ଥିର, ଅଶାନ୍ତ, ଭୟଭୀତ କରିଥାନ୍ତି ।





ମହାନ୍ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ଓ ପ୍ଲେଟୋ ମୃତ୍ୟୁ ସଂପର୍କିତ ଯେଉଁ ବ୍ୟାଖ୍ୟା, ଚିନ୍ତନ କରିଛନ୍ତି, ସେ ସବୁ ସହିତ ଆମ ଭାରତୀୟ ସନାତନୀ ଦର୍ଶନର ମନିଷୀମାନଙ୍କ ବ୍ୟାଖ୍ୟା, ଚିନ୍ତନର ବିଶେଷ ସାମ୍ୟ ଥିଲେ ମଧ୍ୟ ପାଶ୍ଚାତ୍ୟର ପ୍ରସିଦ୍ଧ ନିରୀଶ୍ୱରବାଦୀଙ୍କ ଜୀବନ ବା ମୃତ୍ୟୁ ସଂପର୍କିତ ଅବଧାରଣାମାନ ଉତ୍ପୀଡ଼କ ଭାବରେ ଭିନ୍ନ ହୋଇଥାଏ । ତେଣୁ ଏ ଆଲେଖ୍ୟରେ ମଣିଷର ଚିନ୍ତାଚେତନାକୁ ସତତ ମଥିତ, ଉଦ୍‌ବେଳିତ କରୁଥିବା, ମଣିଷକୁ ଯୁଗପତ୍ ଚକିତ ଓ ଆକର୍ଷିତ କରୁଥିବା 'ମୃତ୍ୟୁ' ରୂପକ ରହସ୍ୟ ଉପରେ ସଂକ୍ଷିପ୍ତ ଅବତାରଣା କରିବା ପାଇଁ ନମ୍ର ପ୍ରୟାସ କରାଯାଇଛି ।

## ମହାନ୍ଧକାର ନୁହେଁ, ମୃତ୍ୟୁ ଅମୃତମୟ

ସର୍ବଗ୍ରାସୀ ମୃତ୍ୟୁର ଶାଶ୍ୱତ ସ୍ୱରୂପ ସଂପର୍କରେ ସଚେତନ ଥିଲେ ମଧ୍ୟ ବୈଦିକ ଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ - "ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ", କାରଣ ବୈଦିକ ପ୍ରଜ୍ଞା ମୃତ୍ୟୁକୁ ଜୀବନ ମଞ୍ଚର ଅନ୍ତିମ ଯବନିକା ବୋଲି ମନେ କରୁନଥିଲା । ସନାତନୀ ଦର୍ଶନରେ ବ୍ରହ୍ମାଣ୍ଡର ପ୍ରତିଟି ଘଟଣା, ପ୍ରତିଟି ରୂପସମ୍ଭାର ଚକ୍ରବତ୍ ଘୂର୍ଣ୍ଣନଶୀଳ- ଏକ ଆଦି ଅନ୍ତହୀନ ପରମ ପ୍ରକାଶର ତରଙ୍ଗମାଳା ସଦୃଶ । ଜୀବନ ଯଦି ଏକ ଶାଶ୍ୱତ ପ୍ରବାହ ହୁଏ, ତେବେ ମୃତ୍ୟୁ ହେଉଛି ସେହି ପ୍ରବାହର ଦିଗ ଓ ଦିଗନ୍ତକୁ ନିର୍ଣ୍ଣୟ କରି ଦେଉଥିବା ଆଲୋକବର୍ତ୍ତିକା । ଏ ବିଶ୍ୱ ବ୍ରହ୍ମାଣ୍ଡ ଯେଉଁ ପରମ ଚେତନାର ଘନବଦ୍ଧ ପରିପ୍ରକାଶ ଓ ସେ ଚେତନା ଯଦି ସତ୍-ଚିତ୍-ଆନନ୍ଦ,ତେବେ ଜୀବନ ଓ ମୃତ୍ୟୁ ବି ସଚ୍ଚିଦାନନ୍ଦ ସ୍ୱରୂପ ଓ ଆଲୋକମୟ । ମୃତ୍ୟୁ ଆଦୌ ଏକ ମହାନ୍ଧକାର ନୁହେଁ, ମୃତ୍ୟୁ ବି ଅମୃତମୟ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ଆମେ ବି କହିପାରିବା : -

*ମୁଁ ତ ଅମୃତ ସାଗର ବିନ୍ଦୁ/ ନଭେ ଉଠିଥିଲି ତେଜି ସିନ୍ଧୁ*
*ଖସି ମିଶିଛି ଅମୃତ ଧାରେ / ଗତି କରୁଛି ସେ ଅକୂପାରେ*
*ପଥେ ଶୁଖି ଗଲେ ପାପ ତାପରେ*
*ହୋଇ ଶିଶିର ଖସିବି ତାପରେ*
*ଅମୃତମୟ ଅମୃତରୟ/ ସହିତ ମିଶିବି ସାଗରେ ।"*


'ମୃତ୍ୟୁ' ରୂପକ ସତ୍ୟଟି ସଂପର୍କରେ ଏହି ଜ୍ଞାନ, ଏହି ଅବବୋଧ ଆମେ କାହିଁ କେଉଁ କାଳୁ ପାଇସାରିଥିଲେ ବି ଅନେକଙ୍କ ପାଇଁ ଏହା ତଥାପି ଅତି ଦୁର୍ବୋଧ, ଅତି ରହସ୍ୟମୟ । ମୃତ୍ୟୁର ଦେବତା ଯମରାଜଙ୍କ ମୁଖରୁ ମୃତ୍ୟୁର ସ୍ୱରୂପ ଓ ମୃତ୍ୟୁ ପରେ ଆତ୍ମାର ଗତି ଓ ସ୍ଥିତି ସଂପର୍କରେ ଜାଣିବାକୁ ବାଳକ ନଚିକେତା ପ୍ରଶ୍ନ ପରେ ପ୍ରଶ୍ନ କରି ଚାଲିଥିଲେ - "ହେ ଦେବ! ସତରେ କ'ଣ ମୃତ୍ୟୁ ପରେ ଜୀବନ ଅଛି? କେତେକ କୁହନ୍ତି ହଁ, ଅଛି, ମୃତ୍ୟୁ ଜୀବନର ଶେଷ ନୁହେଁ ଓ ଆଉ କେତେକ କୁହନ୍ତି ମୃତ୍ୟୁରେ ହିଁ ଜୀବନର ଅନ୍ତ, ଜୀବନର ପୂର୍ଣ୍ଣ ବିଲୋପନ ।" ଉତ୍ତରରେ ଯମ ଦେବତା କହିଛନ୍ତି – "ହେ ପୁଣ୍ୟଶ୍ଳୋକ ଜିଜ୍ଞାସୁ ବାଳକ! ଜୀବନ ଓ ମୃତ୍ୟୁ ସଂପର୍କରେ ପ୍ରଶ୍ନ କର ନାହିଁ। ସ୍ୱର୍ଗର ଦେବତାମାନଙ୍କ ପାଇଁ ଏହା ଏକ ଦୁରୂହ ପ୍ରଶ୍ନ। କେହି ଏହାର ଯଥାଯଥ ଉତ୍ତର ଦେଇ ପାରିବେ ନାହିଁ।" ନିବୃତ୍ତ ହୋଇନାହାନ୍ତି ନଚିକେତା। ଜୀବନ ଜିଜ୍ଞାସା ଓ ମୃତ୍ୟୁ ଜିଜ୍ଞାସାରେ ସ୍ପନ୍ଦିତ ତାଙ୍କ ପ୍ରଶ୍ନାକୁଳ ଚେତନା। ଅବଶେଷରେ ବାଧ ହୋଇ ମୃତ୍ୟୁ ଦେବତା ନଚିକେତାଙ୍କ ପ୍ରଶ୍ନ ସବୁର ଉତ୍ତର ଦେବାକୁ ଯାଇକୁ ଯାଇ ଯାହା କହିଛନ୍ତି, ତାହା ହିଁ ହେଉଛି ଆମ ବେଦ, ବେଦାନ୍ତ ଓ ଶ୍ରୀମଦ୍ ଭାଗବତ ଗୀତାରେ ବାରମ୍ବାର ଉଦ୍‌ଘୋଷିତ ହୋଇଥିବା ଜୀବନ ଓ ମୃତ୍ୟୁ ସଂପର୍କିତ ଜ୍ଞାନ ଓ ବାଣୀ ।




## ଧର୍ମଦର୍ଶନରେ ପୁନର୍ଜନ୍ମ ବିଶ୍ୱାସ

ବୌଦ୍ଧ ଧର୍ମ ଦର୍ଶନ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲେ ମଧ୍ୟ ପୁନର୍ଜନ୍ମରେ ଦୃଢ଼ ଆସ୍ଥା ସ୍ଥାପନ କରିଥାଏ ଓ ଏହି ପୁନର୍ଜନ୍ମ ଜନ୍ମଜନ୍ମାନ୍ତରର କର୍ମ ଓ ସଂସ୍କାର ଅନୁଯାୟୀ ହୋଇଥାଏ ବୋଲି କହେ। ଅନେକାନ୍ତବାଦ ଦର୍ଶନର ଉଦ୍‌ଘୋଷଣା କରିଥିବା ଜୈନଧର୍ମ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରିବା ସଙ୍ଗେ ସଙ୍ଗେ ଏହା 'ଏକ ନୁହେଁ, ଅନେକ' ବୋଲି କହେ ଓ ଏହି ଚିଦ୍‌ଘନ ଆତ୍ମା ଆଧାତ୍ମିକ ସାଧନା, ତପଶ୍ଚର୍ଯ୍ୟା ବଳରେ କୈବଲ୍ୟ ପ୍ରାପ୍ତ ହୋଇ 'କେବଳୀ' ଭାବରେ ମୃତ୍ୟୁହୀନ ସ୍ଥିତି ଲାଭ କରିଥାଏ ବୋଲି କହିଥାଏ। ଭାରତଭୂମିର ଏହି ତିନୋଟି ମୁଖ୍ୟ ଧର୍ମଦର୍ଶନ ବ୍ୟତୀତ ପ୍ରସିଦ୍ଧି ଲାଭ କରିଥିବା ଅନ୍ୟତମ ଚାର୍ବାକ୍ ବା ଲୋକାଚାର ଦର୍ଶନର ଦୃଷ୍ଟିରେ ଜୀବନ ହେଉଛି ବୁଦ୍‌ବୁଦ୍ ସଦୃଶ କ୍ଷଣଭଙ୍ଗୁର ଓ ମୃତ୍ୟୁ ହେଉଛି ଜୀବନର ଅନ୍ତ। ଏହା ଆତ୍ମାର ଅସ୍ତିତ୍ୱ ଓ ଆତ୍ମାର ଅମରତ୍ୱରେ ବିଶ୍ୱାସ କରୁନଥିବାରୁ ପୁନର୍ଜନ୍ମକୁ ଅସ୍ୱୀକାର କରିଥାଏ। ଉଲ୍ଲେଖଯୋଗ୍ୟ ଯେ, ଚାର୍ବାକ୍ ପରି ଏକ ବିଶୁଦ୍ଧ ନାସ୍ତିକ ଦର୍ଶନ ସହ ଅନ୍ୟ କେତୋଟି ବେଦ-ବିରୋଧୀ ଦାର୍ଶନିକ ମତବାଦ ପ୍ରାଚୀନ ଭାରତରେ କିଯତ୍‌କାଳ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ମାଖାଲି ଗୋଶାଳାଙ୍କ 'ଆଜୀବିକ' ଦର୍ଶନ, ଅଜିତ କେଶକମ୍ବଳୀଙ୍କର 'ଭୌତିକ ଉପଭୋଗବାଦ' ଦର୍ଶନ, ପୂର୍ଣ୍ଣ କାଶ୍ୟପଙ୍କର' ଅଣୁବାଦ' ଦର୍ଶନ, ପାଖୁଡ଼ା କାତ୍ୟାୟନଙ୍କ 'ନିୟତିବାଦ', ସଞ୍ଜୟ ବେଥାଲିପୁତ୍ତଙ୍କ 'ସଂଶୟବାଦ' ଦର୍ଶନ ପ୍ରଭୃତି ମୃତ୍ୟୁକୁ ଏକ ଅବଧାରିତ ସତ୍ୟ ଓ ତାହା ଏହି ଦୁଃଖଯନ୍ତ୍ରଣାଦଗ୍ଧ ଜୀବନର ଅନ୍ତିମ ପରିଣତି ବୋଲି ପ୍ରଚାର, ପ୍ରସାର କରିଥିବାରୁ ଏ ସବୁ ଚିନ୍ତାଚିନ୍ତନ ମଣିଷକୁ ସାନ୍ତ୍ୱନା, ଆଶ୍ୱାସନା ଦେବା ପରିବର୍ତ୍ତେ ଘୋର ବିକ୍ଷୁବ୍ଧ ମାତ୍ର କରିଥାନ୍ତି। ମଣିଷର ଚିନ୍ତାଚେତନାକୁ ଉତ୍ତରିତ କରିବା ପରିବର୍ତ୍ତେ ସେଥିରେ କେବଳ ଜୀବନ-ବିରୋଧୀ ନକାରାତ୍ମକ ଭାବଭାବନା ପ୍ରବିଷ୍ଟ କରାଇଥାନ୍ତି। ଏହି ବେଦ-ବିରୋଧୀ ଭାରତୀୟ ଦର୍ଶନମାନ ସହ ଭାବଗତ ସାମ୍ୟ ଥିବା ପାଶ୍ଚାତ୍ୟ ଦର୍ଶନମାନଙ୍କ ମଧ୍ୟରେ ନିଟା ବା ନିତ୍‌ସେ ଓ କିର୍‌କେଗାର୍ଡ, ବର୍ଟାଣ୍ଡ ରସେଲ୍, କାର୍ଲ ମାର୍କ୍ସ ପ୍ରମୁଖଙ୍କ ନିରୀଶ୍ୱରବାଦୀ ଦର୍ଶନ ଓ କାମ୍ୟୁ, କାଫ୍‌କା, ସାର୍ତ୍ତେଙ୍କ ସ୍ଥିତିବାଦୀ ତଥା ଅସ୍ତିତ୍ୱବାଦୀ ଦର୍ଶନ ଆଧୁନିକ ବୌଦ୍ଧିକ ରାଜ୍ୟରେ ଅନେକ ଆଲୋଡ଼ନ ସୃଷ୍ଟି କରିଛନ୍ତି। ପାଶ୍ଚାତ୍ୟର ଏହି ତୁଙ୍ଗ ଚିନ୍ତକ ଦାର୍ଶନିକମାନେ ଜୀବନ ଓ ମୃତ୍ୟୁ ସଂପର୍କରେ ଯେତେଯେତେ ଜଟିଳ ତତ୍ତ୍ୱରାଜି ବାଢ଼ି ଦେଇଛନ୍ତି, ସେଥିରୁ ମଣିଷ ଯେଉଁ ନିଷ୍କର୍ଷରେ ଉପନୀତ ହୁଏ, ତାହା ଘୋର ନୈରାଶ୍ୟଜନକ,ଘୋର ଅସ୍ୱସ୍ତିକର। ଜୀବନ ଉଭଟ, ଅର୍ଥହୀନ, ଦୁର୍ଦ୍ଦଶାପୂର୍ଣ୍ଣ ଓ ସାରବତ୍ତାହୀନ; ମୃତ୍ୟୁ ଏକ ଭୟାନକ ସତ୍ୟ, ଯାହା ଜୀବନପ୍ରଦୀପକୁ ସଂପୂର୍ଣ୍ଣ ନିର୍ବାପିତ କରିଦିଏ - ଆଲୋଚ୍ୟ ଚିନ୍ତକ ଦାର୍ଶନିକମାନଙ୍କ ଜୀବନ ଓ ମୃତ୍ୟୁ ପ୍ରତି ଏହି ଲୋମଟାଙ୍କୁରା ଆଭିମୁଖ୍ୟ ଯୋଗୁଁ ଆଜି ପ୍ରତ୍ୟେକ ଅନିସନ୍ଧିତ୍ସୁ ମଣିଷ ଚେତନାଗତ ଅରାଜକତାର ଅସହାୟ ଶରବ୍ୟ ହୋଇପଡ଼ିଛି, ଏହା ନିଃସନ୍ଦେହ।

## ଉପନିଷଦରେ ମୃତ୍ୟୁର ସ୍ୱରୂପ








'ବୃହଦାରଣ୍ୟକ' ଉପନିଷଦରେ କୁହାଯାଇଛି – "ଏକକ, ଅନନ୍ୟ ଅଦ୍ୱୟ ପରମ ଚେତନା ଯେପରି ମନୋବୃତ୍ତର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ପ୍ରତୀୟମାନ ହୁଏ, ସେହିପରି ସେହି ସର୍ବବ୍ୟାପୀ ପରମ ଚେତନା, ଚେତନାଶୀଳ ଜୀବସତ୍ତାରେ ଜୀବାତ୍ମା ରୂପେ ଓ ବ୍ରହ୍ମାଣ୍ଡର ସାର୍ବଭୌମ ଆତ୍ମା ରୂପେ ପ୍ରତୀତ ହୁଏ। ଗୋଟିଏ ଶଅଁବାଳୁଆର ପକ୍ଷ ମେଲି ଗଲା ପରେ ସେ ଯେପରି ତା'ର ବିକୃତ କୀଟ ରୂପ ପରିହାର କରି ପ୍ରଜାପତିଟିଏ ହୋଇ ବର୍ଣ୍ଣିଳ ପକ୍ଷ ସଂଚାଳନ କରିଥାଏ, ସେହିପରି ଶରୀର ରୂପ ପିଞ୍ଜରାରୁ ମୁକ୍ତ ହୋଇ ଜୀବାତ୍ମା ତା'ର ସତ୍‌ରୂପ ପରମଚେତନା ରୂପରେ ଉଦ୍‌ଭାସିତ ହୋଇଥାଏ।"

କଠ ଉପନିଷଦ ଅନୁସାରେ - "ଯେତେବେଳେ ବଦ୍ଧଜୀବସତ୍ତାର ମନପ୍ରାଣ ଓ ହୃଦୟରୁ ସକଳ ବାସନା, କାମନା, ସକଳ ଭୋଗପିପାସା ଦୂରୀଭୂତ ହୋଇ ଯାଇଥାଏ, ସେତେବେବେଳେ ହିଁ ଶରୀରସ୍ଥିତ ଅଙ୍ଗୁଳ ପ୍ରମାଣ ଆତ୍ମା ତା'ର ବିପୁଳ, ବିରାଟ ଅମୃତ ସ୍ୱରୂପରେ ପ୍ରତିଭାତ ହୁଏ ଓ ବ୍ରହ୍ମତ୍ୱ ପ୍ରାପ୍ତ ହୁଏ। ପ୍ରାଚ୍ୟ ଧର୍ମ ଦର୍ଶନ, ବିଶେଷ କରି ଭାରତୀୟ ସନାତନୀ ଧର୍ମ ଦର୍ଶନ ଆତ୍ମାର ଅସ୍ତିତ୍ୱ ଓ ଅମରତ୍ୱକୁ ସ୍ୱୀକାର କରୁଥିବାରୁ ସ୍ୱାଭାବିକ ଭାବେ ମୃତ୍ୟୁକୁ କେବଳ ଆତ୍ମାର ଭିନ୍ନ ରୂପ ଗ୍ରହଣ ବା ବ୍ରାହ୍ମୀସ୍ଥିତିରେ ପୁନଃପ୍ରବେଶ ବୋଲି ଗ୍ରହଣ କରିଥାଏ।

## ସାହିତ୍ୟରେ ମୃତ୍ୟୁ ଚେତନା

ଏତାଦୃଶ ବୌଦ୍ଧିକ, ମାନସିକ ତଥା ଭାଗବତ ଦୁଃସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଆମକୁ ଫେରି ଯିବାକୁ ହେବ ଆମର ପ୍ରାଚୀନ ବୈଦିକ ସନାତନୀ ଧର୍ମ ଦର୍ଶନ ପାଖକୁ। ତା'ହେଲେ ଇଂରାଜୀ ମେଟାଫିଜିକାଲ୍ କବି ଜନ୍ ଡନ୍‌ଙ୍କ ପରି ଖାଲି ' ଡେଥ୍, ଦାଓ ଶାଲ୍ ଡାଏ' ( ହେ ମରଣ , ତୁ ମରଣ ଲଭିବୁ ନିଶ୍ଚୟ) ବୋଲି ତୁଚ୍ଛା ଶୂନ୍ୟଗର୍ଭ କାବ୍ୟିକ ଉଚ୍ଛ୍ୱାସରେ ଉଚ୍ଚାରଣ ନକରି ଆମେ ରବୀନ୍ଦ୍ରନାଥଙ୍କ ପରି କହିପାରିବ, 'ହେ ମରଣ, ତୁ ମୋର ଶ୍ୟାମ ସମାନ!' ବୈକୁଣ୍ଠ ପଟ୍ଟନାୟକଙ୍କ ପରି ଭାବମନ୍ଦ୍ରିତ ସ୍ୱରରେ ବୋଲି ପାରିବା, "ଜୀବନ ପାତ୍ର ମୋ ଭରିଛ କେତେ ମତେ / ନ ଦେଲ ବୋଲି କିଛି କହିବି କିହେ ଆଉ" କିମ୍ବା ସେହି ଭାବଭୋଳା କବିଟି ପରି ଆକୁଳ କଣ୍ଠରେ ଡାକିବା 'କିଏ ସେ ଡାକୁଛି ନଈ ସେପାରିରେ କେଡ଼େ ବାଗରେ/ ଚିହ୍ନା ଚିହ୍ନା ସ୍ୱର ଶୁଣିଥିଲି ତା'ର କେତେ ଯୁଗ ଯୁଗ ଆଗରେ।" ଏହି ମର୍ମସ୍ପର୍ଶୀ ଭାବୋଦ୍ଦୀପକ, ଦିବ୍ୟରସଘନ ଉଚ୍ଚାରଣ ଯେଉଁମାନଙ୍କ ତୁଣ୍ଡରୁ ଝରି ଆସିଥିଲା, ସେମାନେ ଜୀବନକୁ ସତ୍ୟ-ଶିବ-ସୁନ୍ଦର ବୋଲି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୃତ୍ୟୁକୁ ବି ସତ୍ୟ ଅଥଚ ଶିବସୁନ୍ଦର ବୋଲି ଗ୍ରହଣ କରିଥିଲେ, କାରଣ ସେମାନେ ପ୍ରତ୍ୟେକ ଅବଗାହନ କରିଥିଲେ ସନାତନୀ ବୈଦିକ ଦର୍ଶନର କାଚକେନ୍ଦୁ ଜଳରେ , ସନାତନୀ ପ୍ରଜ୍ଞାର ମହୋଦଧିରେ। ତେଣୁ ସେମାନେ ବୁଝିଥିଲେ ମୃତ୍ୟୁ କେବଳ ଏକ ଘଟପରିବର୍ତ୍ତନ, ଆତ୍ମା ହେଉଛି ଅବିନାଶୀ – 'ନ ହନ୍ୟତେ ହନ୍ୟମାନେ ଶରୀରେ।' ସେଥିପାଇଁ ମୃତ୍ୟୁ ରହସ୍ୟର ଚିନ୍ତନ ମନନରୁ ସେମାନେ ଅନନୁଭୂତ ସ୍ୱାଦ ଉପଭୋଗ କରୁଥିଲେ। ମୃତ୍ୟୁ ଚେତନା ସେମାନଙ୍କୁ ଜୀବନ ବିମୁଖ ନ କରି ଆହୁରି ଅନ୍ତରଙ୍ଗ ଭାବରେ ଜୀବନ ବଞ୍ଚିବାକୁ ପ୍ରେରିତ କରୁଥିଲା। ମହାଯୋଗୀ ଶ୍ରୀଅରବିନ୍ଦ ଚେତନାର ତୁଙ୍ଗଶିଖର ଆରୋହଣ କରି ମରଲୋକର ଉଦ୍ଦୀପ୍ତ, ଆଲୋକିତ ମଣିଷ ( ଯାହାର ପ୍ରତିଭୂ ହେଉଛନ୍ତି ମହାଭାରତରେ ବର୍ଣ୍ଣିତ ହୋଇଥିବା ଅଶ୍ୱଘୋଷଙ୍କ ବିଦୁଷୀ କନ୍ୟା ସାବିତ୍ରୀ) କିପରି ଅମୃତତ୍ୱର ଅଭୀପ୍‌ସା ପୋଷଣ କରିପାରେ, ତା'ର ପ୍ରତୀକାତ୍ମକ ବର୍ଣ୍ଣନା କରିଛନ୍ତି ତାଙ୍କରି ମହାକାବ୍ୟ 'ସାବିତ୍ରୀ'ରେ। ଏହି ମହାକାବ୍ୟର ମହାନାୟିକା ସାବିତ୍ରୀ ନଚିକେତାଙ୍କ ପରି ମୃତ୍ୟୁ ଦେବତାଙ୍କ ପାଖରୁ ଆତ୍ମଜ୍ଞାନ ଅଥବା ମୃତ୍ୟୁ ରହସ୍ୟର ଜ୍ଞାନ ହାସଲ କରିବାକୁ ଚାହିଁ ନାହାନ୍ତି। ସେ ଚାହିଁଛନ୍ତି ମୃତ୍ୟୁ ଉପରେ ବିଜୟ ଓ ମର୍ତ୍ତ୍ୟଭୂମିରେ ଅମରତ୍ୱର ପ୍ରତିଷ୍ଠା। ଜୀବନ ଓ ଜଗତ ପରମ ଚେତନାର ଦିବ୍ୟ ପ୍ରକାଶ; ମୃତ୍ୟୁ ଆଲୋକିତ ଅଙ୍ଗନକୁ ବାଟ କଢ଼ାଇ ନେଉଥିବା ଏକ ଦିଗବାରଣୀ ମାତ୍ର- ଏହି ବେଦାନ୍ତ ଘୋଷିତ ସତ୍ୟ ଉପରେ ପୂର୍ଣ୍ଣ ପ୍ରତିଷ୍ଠିତ ଥିଲା ସାବିତ୍ରୀଙ୍କ ଚେତନା ଓ ସେଥିପାଇଁ ହିଁ ସେ ପୋଷଣ କରିଥିଲେ ମୃତ୍ୟୁରୁ ଅମୃତତ୍ୱର ସନ୍ଧାନ କରିବାର ଅନିର୍ବଚନୀୟ ଅଭୀପ୍‌ସା।






ଉପସଂହାରରେ କହିବା – ଜୀବନର କ୍ଷଣଭଙ୍ଗୁରତା ସହ ଚେତନାର ଅବିନଶ୍ୱରତା ସଂପର୍କରେ ଯାହାର ସହଜ ବୌଦ୍ଧିକ ଓ ଭାବନାତ୍ମକ ଜ୍ଞାନ ଥାଏ, ଯିଏ ସେହି ଜ୍ଞାନରେ ଦୃଢ଼ ପ୍ରତିଷ୍ଠ ହେବା ପାଇଁ ସଚେତନ ପ୍ରୟାସ, ସାଧନା ଅବ୍ୟାହତ ରଖିଥାଏ; ଯିଏ ମୃତ୍ୟୁକୁ ଭୟ ନକରି ପବିତ୍ର ଉଲ୍ଲାସରେ ସ୍ୱାଗତ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିଥାଏ। ଯିଏ ଜୀବନର ପ୍ରତିଟି ଶ୍ୱାସ ଉପରେ ନିଶ୍ଚଳ ଧ୍ୟାନ ନିବେଶ କରିଥାଏ ଓ ସର୍ବୋପରି ଯିଏ ଏକ ପୁଣ୍ୟମୟ ଜୀବନ ବଞ୍ଚିଥାଏ,ସେ ହିଁ ମୃତ୍ୟୁକୁ ନିର୍ବିକାର ଚିତ୍ତରେ , ବିନା ଚିତ୍ତ ବିକ୍ଷୋଭରେ ଆଲିଙ୍ଗନ କରିପାରେ । ପ୍ରସିଦ୍ଧ କବି ଖଲିଲ୍ ଜିବ୍ରାନଙ୍କ ପରି ସେ କହିପାରେ : "ମରଣ ଏମିତି କିଛି ଗୋଟେ ବିଶେଷ ଘଟଣା ନୁହେଁ। ଏହା ତ ହେଉଛି ବାହାରର ଖୋଲା ପବନରେ ଆପଣାକୁ ସଂପୂର୍ଣ୍ଣ ଖୋଳପାମୁକ୍ତ କରିଦେବା,ସଂପୂର୍ଣ୍ଣ ଫୁଙ୍ଗୁଳା ହୋଇଯିବା ଓ ସୂର୍ଯ୍ୟଙ୍କର ସୁବର୍ଣ୍ଣ ରଶ୍ମି ସାଗରରେ ନିମଜ୍ଜିତ ହୋଇଯିବା। ଶ୍ୱାସ ପ୍ରବାହର ଅନ୍ତ ହେବା ଅର୍ଥ ଅନ୍ତଃକରଣକୁ ବିକ୍ଷୁବ୍ଧ, ଆନ୍ଦୋଳିତ କରୁଥିବା ସକଳ ଭାବତରଙ୍ଗର ଅନ୍ତ। ଏଥର ତୁମକୁ ଆରୋହଣ କରିବାକୁ ହେବ, ଫିଟି ପଡ଼ିବାକୁ ହେବ, ତୁମର ଚେତନାକୁ ପ୍ରସାରିତ କରିବାକୁ ହେବ ଓ ବିନା ପ୍ରତିବନ୍ଧକରେ ପରମେଶ୍ୱରଙ୍କ ସାନ୍ନିଧ୍ୟ ତୁମକୁ ଲାଭ କରିବାକୁ ହେବ।' ■

କୋଡିଆଁ ବାରଙ୍ଗ, ଜଗତସିଂହପୁର, ମୋ: ୯୮ ୫୩୩୫୫୧୦୭



# ମୃତ୍ୟୁ, ମୋକ୍ଷ ଓ ମର୍ମ





ଡକ୍ଟର ଇଂ. ସଞ୍ଜୟ କୁମାର ପଣ୍ଡା

ଅମୃତମୟ ସଂସାରରେ ବ୍ରହ୍ମାଣ୍ଡପତି ପରମେଶ୍ୱରଙ୍କ ଅପାର କରୁଣାରେ ଜୀବ ଓ ଜଡ଼ ଜଗତ ନିଜ ନିଜର ଆଧ୍ୟାତ୍ମିକ ଓ ସାମାଜିକ ଦାୟିତ୍ୱ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରତିପାଳିତ କରିବାରେ ସକ୍ଷମ ହୋଇଥାନ୍ତି । ଜୀବନ ଏକ ଦୁର୍ଲଭ ଐଶ୍ୱରୀୟ ଉପହାର, ଯାହାର ଆତ୍ମିକ ସଂସ୍ପର୍ଶରେ ଆଙ୍ଗିକ ପ୍ରବୃତ୍ତି ନିବୃତ୍ତି ଲାଭ ମାର୍ଗ ପ୍ରଶସ୍ତ ହୋଇଥାଏ । ଜୀବନର ପ୍ରତ୍ୟେକ ତତ୍ତ୍ୱ ଭଗବାନ ସତ୍ତାକୁ ନେଇ ପରିବର୍ଦ୍ଧିତ ହୋଇଥିଲେ ସୁଦ୍ଧା ଏହାର ସଫଳ ପ୍ରୟୋଗ ସାଂସାରିକ ମାୟା ସାଗରରେ କେତେ ପ୍ରଭାବୀ ତାହା ହିଁ ଚିନ୍ତନ ଯୋଗ୍ୟ? ଭ୍ରୂଣ ସଞ୍ଚାରରୁ ଦିବ୍ୟ ଜୀବନର ଅୟଆରମ୍ଭ ହେବା ସହ ଏହାର ନୈସର୍ଗିକ କ୍ରିୟାକଳାପ ଭୌତିକ ଓ ଶାଶ୍ୱତ ଦିବ୍ୟ ଜୀବନଚର୍ଯ୍ୟା ଉପରେ ପର୍ଯ୍ୟବସିତ । ଜୀବନ ଇତରଜଗତର ଅବିନଶ୍ୱର ସତ୍ତା ହୋଇ ସାଂସାରିକ ଭାବ ଓ ମାୟାବନ୍ଧନରେ ନିଜକୁ ସୀମିତ ନ ରଖି ଇହ ଓ ପରକାଳର ଏକ ପ୍ରମୁଖ ମାର୍ଗଦର୍ଶକ ହେବାକୁ ସଦା ଚେଷ୍ଟିତ । ବଞ୍ଚିବା ପାଇଁ ଜନ୍ମ ନେବା ଏକ ଗୌଣ ବିଚାର । ପ୍ରତ୍ୟେକ କାଳଖଣ୍ଡରେ ଅନୁଭୂତିକୁ ନୂତନ ଅନୁଭୂତି ସଂରଚନା କରିବା ସହ କାୟିକ, ବାଚିକ ଓ ମାନସିକ ସ୍ତରରେ ନିଜକୁ ପବିତ୍ରରୁ ପବିତ୍ରତମ କରିବାର ବୌଦ୍ଧିକ ଲାଳସା ଜୀବନଯାତ୍ରାକୁ ଅନନ୍ୟ ଓ ଭବ୍ୟ ପ୍ରତିପାଦିତ କରିଥାଏ ।

## ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ

ଜନ୍ମମାତ୍ରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜୀବନର ଧର୍ମ ସନାତନୀ ଅଟେ, ଯାହାର ନିୟନ୍ତ୍ରକ ପରମପୁରୁଷ, ଅପୌରୁଷେୟ ପରମାତ୍ମା ଅଟନ୍ତି । ଯାହାଙ୍କର ସମଗ୍ର ପ୍ରକୃତି ଓ ଜାଗତିକ ବ୍ୟାପାରରେ ପୂର୍ଣ୍ଣ ନିୟନ୍ତ୍ରଣ ଓ ଅତୁଳନୀୟ ଅଖଣ୍ଡ କ୍ଷମତା ରହିଛି । ଜୀବନ ଆତ୍ମା ସ୍ୱରୂପ ହୋଇ ପରମାତ୍ମାର ପ୍ରତିନିଧି ସ୍ୱରୂପ ହୋଇଥିବାରୁ ନିଜ ମଧ୍ୟରେ ଥିବା ସକାରାତ୍ମକ ଓ ନକରାତ୍ମକ ପ୍ରକୃତିକୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ଥିଲେ ସୁଦ୍ଧା ପରମାତ୍ମା ହିଁ ପରମ ନିୟନ୍ତ୍ରଣକାରୀ ଅଟନ୍ତି ।

ଭଗବତ ସତ୍ତାକୁ 'ସନାତନ ଆକାଶ' ଓ 'ସନାତନ ପରମବ୍ୟୋମ'ର ମଧ୍ୟ ପରିଚିତି ରହିଛି । ଯାହାର ଅବସ୍ଥିତିରେ ଜୀବନ ନିଜର ଶାଶ୍ୱତ ଭାବ ଆଧାରରେ ଜନ୍ମ ନେଇ, କର୍ମ ସଂପାଦନ କରି ମୃତ୍ୟୁବରଣ ପୂର୍ବକ ମୋକ୍ଷ ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରିବାର ଉଦ୍ଦେଶ୍ୟ ପ୍ରତିଷ୍ଠିତ କରିଥାଏ । ଏହା ହିଁ ଭୌତିକ ନିୟମାଧୀନ । ଏଣୁ ଧର୍ମ କର୍ମଯୁକ୍ତ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ହେତୁ ପରମାତ୍ମାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୁଏ ଓ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଏ, ଯେଉଁଠାରେ ସୂର୍ଯ୍ୟ ଚନ୍ଦ୍ର ଭଳି ଜାଗତିକ ଗତି ମଧ୍ୟ ଉପଲବ୍ଧ ନଥାଏ । ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ବିଧିର ବିଧାନ ଓ ସନାତନୀ ଧ୍ରୁବ ସତ୍ୟ । ଜନ୍ମ ଭଗବତ୍ ପ୍ରଦତ୍ତ ହୋଇଥିବା ବେଳେ ପ୍ରାରବ୍ଧ ଫଳାନୁଭିତ୍ତିକ ହୁଏ ।

ଜୀବନ ଚକ୍ରରେ ଭୌତିକ ପ୍ରାଚୁର୍ଯ୍ୟ, ସୌଖ୍ୟ ପ୍ରାପ୍ତି ଓ ମୃତ୍ୟୁ ଉତ୍ତରେ ମୋକ୍ଷ ଲବ୍ଧ ଏକ ଚିରାଚରିତ ଅବଲମ୍ବନ । ଜୀବନରେ ଦିବ୍ୟାମୃତ, ଯାହାର ସାନ୍ନିଧ୍ୟରେ ମୃତ୍ୟୁକୁ ଉପଭୋଗ କରାଯାଇପାରେ ନିର୍ବିକାର ଭାବେ, ନିର୍ଭୀକ ଗୁଣରେ । ଗୋଟିଏ ଘଟ ପରିବର୍ତ୍ତନ କରି ଯାତନାର ମୁକ୍ତିରେ ଅନ୍ୟ ଶରୀର ପ୍ରାପ୍ତିର ଐଶ୍ୱରୀୟ ମାର୍ଗ ହିଁ ମୃତ୍ୟୁ । ଯାବତୀୟ ସାଂସାରିକ ଭାବବନ୍ଧନର ପରିବର୍ତ୍ତିତ ବ୍ୟାଖ୍ୟା ହିଁ ମୃତ୍ୟୁ । ଜନ୍ମ କେବଳ ଜୀବନଚର୍ଯ୍ୟାର ରୂପାୟନ ନୁହେଁ ବରଂ ଏହା ଭଗବାନ, ମାନବ ଓ ଧର୍ମ ଋଣ ପରିଶୋଧର ମାଧ୍ୟମ ଅଟେ । ଜୀବନରେ ପାଞ୍ଚଟି ଋଣ ଯଥା:- ଭଗବତ୍ ଋଣ, ପିତୃ ଓ ଗୁରୁଜନ ଋଣ, ଅତିଥି ଋଣ, ଅନ୍ୟ ବ୍ୟକ୍ତି ଋଣ, ଅନ୍ୟ ପ୍ରାଣୀ ଋଣ ପରିଶୋଧ କଲେ ହିଁ ମୋକ୍ଷ ମାର୍ଗ ପ୍ରଶସ୍ତ ହୁଏ । ଜୀବନ ମାତ୍ରେ ମୃତ୍ୟୁ ସୁନିଶ୍ଚିତ । ଏଣୁ ଯଥାସମ୍ଭବ ଧର୍ମ, ସେବାରେ ନିୟୋଜିତ ହୋଇ ସାତ୍ତ୍ୱିକ ମତରେ ଜୀବନ ପରିଚାଳନା କଲେ ମୃତ୍ୟୁ ଭୟ ରହିବ ନାହିଁ ବରଂ ମୃତ୍ୟୁକୁ ଉପଭୋଗ କରିହେବ ଧର୍ମତତ୍ତ୍ୱ ସାଧନାରେ । ଜନ୍ମ ସମୟରେ ଜୀବନ କାନ୍ଦୁଥିବା ବେଳେ ଜଗତ ହସେ, କିନ୍ତୁ ମୃତ୍ୟୁରେ ଜୀବନ ହର୍ଷିତ । ତେବେ ଜଗତ ଶୋକସିକ୍ତ, କ୍ରନ୍ଦନରତ – ଏହା ହିଁ ଶାଶ୍ୱତ । ଏଣୁ ଭଗବତ୍ ଚିନ୍ତନ ହିଁ ମୃତ୍ୟୁ ଭୟରୁ ମନୁଷ୍ୟକୁ ଉଦ୍ଧାର କରିପାରେ । ଏଣୁ ବର୍ଣ୍ଣିତ ଅଛି: -

**ଜାତସ୍ୟ ହିଁ ଲବ୍ଧ ଜନ୍ମନଃ ଅବ୍ୟଭିଚାରୀ ମୃତ୍ୟୁ-**
**ମରଣଂ ଧ୍ରୁବ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦ୍ ପରିହାର୍ଯ୍ୟୋଙ୍ଗ ଜନ୍ମ ମରଣ ଲକ୍ଷଣୋର୍ଥଃ**
**ତସ୍ମିନ୍ନ ପିରିହାର୍ଯ୍ୟେର୍ଥେ ନ ତ୍ୱଂ ଶୋଚିତୁ ମର୍ହସି ।**

(ମହାଭାରତ- ଭୀଷ୍ମ ପର୍ବ- ୨/୨୭)

ଆଚମ୍ବନର ଅନୁଭୂତି ଏୟା ଯେ ଜୀବନ ଯେତେ ଯନ୍ତ୍ରଣାସିକ୍ତ ହେଲେ ମଧ୍ୟ ଜ୍ଞାନଯୋଗ ଅଭାବରୁ ମୃତ୍ୟୁକୁ ସମ୍ମୁଖୀନ କରିପାରେ ନାହିଁ । ଏଣୁ ମୃତ୍ୟୁର ବିକଟାଳ ରୂପ ଜୀବନକୁ ନିରୁତ୍ସାହିତ କରିବା ସହ ଭୀତତ୍ରସ୍ତ କରି ରଖିଥାଏ ।






## ଗରୁଡ଼ ପୁରାଣରେ ମୃତ୍ୟୁର ସ୍ୱରୂପ

ହିନ୍ଦୁଧର୍ମ ଅନୁସାରେ ଜୀବନଚକ୍ରର ମଧ୍ୟମ ପର୍ଯ୍ୟାୟ ହିଁ ମୃତ୍ୟୁ। ଗରୁଡ଼ ପୁରାଣ ଯାହାକି ବିଷ୍ଣୁ ପୁରାଣର ଏକ ଅଂଶ, ଯେଉଁଠାରେ ବିଷ୍ଣୁ ଓ ପକ୍ଷୀରାଜ ଗରୁଡ଼ଙ୍କ ମଧ୍ୟରେ ମୃତ୍ୟୁ, ଶବ ସଂସ୍କାର ଓ ପୁନର୍ଜନ୍ମ ବିଷୟରେ ସମ୍ବାଦ ଉପଲବ୍ଧ। ପରବର୍ତ୍ତୀ ପର୍ଯ୍ୟାୟରେ ଗରୁଡ଼ ଏହି ସାତ୍ତ୍ୱିକ ପୁରାଣକୁ ଅଷ୍ଟାଦଶ ସହସ୍ର ଶ୍ଳୋକ ପଦରେ କଶ୍ୟପ ଋଷିଙ୍କୁ ଶୁଣାଇଛନ୍ତି। ହିନ୍ଦୁ ମତାନୁସାରେ ଗରୁଡ଼ ପୁରାଣ କେବଳ ମୃତ୍ୟୁ ପରବର୍ତ୍ତୀ ତ୍ରୟୋଦଶ ଦିବସ ପର୍ଯ୍ୟନ୍ତ ପଠନୀୟ। କିନ୍ତୁ ଗବେଷଣା ନିମନ୍ତେ ଏହାର ପଠନ ମଧ୍ୟ ପ୍ରଶସ୍ତ। ଏହି ପୁରାଣରେ ବିଭିନ୍ନ ପାପ ପାଇଁ ବିଭିନ୍ନ ଦଣ୍ଡର ବିଧି ବର୍ଣ୍ଣିତ। ଯେପରି ଅନ୍ୟ ସମ୍ପତ୍ତି ଲୁଟ୍ ପାଇଁ ବେତ୍ରାଘାତ (ତମିଶ୍ରମ), ସ୍ୱାମୀ ଓ ସ୍ତ୍ରୀର ସଂପର୍କକୁ କଳୁଷିତ ଓ ବିଶ୍ୱାସଘାତ ପାଇଁ ଚାବୁକ ମାଡ଼ ( ଅନ୍ଧତମ୍‌ସ୍ରମ୍), ଅନ୍ୟର ସଂପତ୍ତି ନଷ୍ଟ ପାଇଁ ସର୍ପ ଦଂଶନ (ମହାରରୁରଭମ୍) , ଜୀବ ହତ୍ୟା ପାଇଁ ତୈଳ ପାତ୍ରରେ ଭାଜନ (କୁମ୍ଭୀ ପାକମ୍), ଅତିଥି ଅନାଦର ଓ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଅନ୍ୟକୁ ବ୍ୟବହାର ପାଇଁ କୃମି ଦ୍ୱାରା ଭକ୍ଷଣ (କୃମି ଭୋଜନମ୍), ଧର୍ଷଣ ପାଇଁ ଯୌନାଙ୍ଗରେ ଉତ୍ତପ୍ତ ଲୌହ ତାଡ଼ନ(ସାଲମାଲି), ପଶୁ ନିର୍ଯାତନା ଓ ଭକ୍ଷଣ ନିମନ୍ତେ ଖଣ୍ଡ ଖଣ୍ଡ କରି କାଟିବା (ପ୍ରାଣରୋଧମ୍), ମଦ୍ୟ ସେବନ ପାଇଁ ଉତ୍ତପ୍ତ ତରଳ ସେବନ (ଅୟଃପାନମ୍) ନିଷ୍ପାପ ପ୍ରାଣୀ ବଧ ନିମନ୍ତେ ସବୁଦିନ ପାଇଁ ଭୋକ ଉପବାସ ଦଣ୍ଡ (ଶୂଳପ୍ରୋତମ୍) ଆଦି ଦଣ୍ଡ ବିଧାନ ରହିଛି।


## ବୌଦ୍ଧ ଧର୍ମରେ ମୃତ୍ୟୁ ଓ ପୁନର୍ଜନ୍ମ



ବୌଦ୍ଧ ଧର୍ମରେ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମକୁ ସଂସାର କୁହାଯାଏ। ଏହା କର୍ମ ଓ ଧର୍ମବଳରେ ପୁନର୍ଜନ୍ମ ପ୍ରାପ୍ତ ହୁଏ। ମୃତ୍ୟୁକୁ ନିର୍ବାଣ କୁହାଯାଏ। ଏହି ଧର୍ମରେ ଥେରା ବାଦ, ମହାଯାନ ଆଦି ବର୍ଗରେ ମଧ୍ୟ ଚିତାଗ୍ନି ବ୍ୟବସ୍ଥା ହୋଇ ଶବ ସଂସ୍କାର ହୁଏ। ହିନ୍ଦୁ ଧର୍ମ ଭଳି ମୃତ ବ୍ୟକ୍ତିର କର୍ଣ୍ଣରେ ଧର୍ମବାଣୀ ଶ୍ରବଣ କରାଯାଇଥାଏ। ମହାଯାନ ଅନୁସାରେ ମୃତ୍ୟୁର ୪୯ ଦିନ ପରେ ପୁନର୍ଜନ୍ମ ହୋଇଥାଏ। ଏହି ଧର୍ମରେ ମଧ୍ୟ ଶବଦାହ ବିଧି ସମ୍ମତ।



## ଜୈନ ଧର୍ମରେ ଆତ୍ମା ଅବିନଶ୍ୱର



ଜୈନ ଧର୍ମରେ ଆତ୍ମା ଅବିନଶ୍ୱର ଅଟେ। ଏହା କେବଳ ଯାତ୍ରା କରେ। ଏହି ଧର୍ମରେ ସନ୍ଥର ବା ଶାଲେଖନ ବିଧି ଅନୁସାରେ ଜୈନମାର୍ଗୀ ସ୍ୱୟଂ ଖାଦ୍ୟ ପରିତ୍ୟାଗ କରି ମୃତ୍ୟୁକୁ ନିମନ୍ତ୍ରଣ କରିଥାଏ। ଏହି ବିଧି ବିଶେଷତଃ ଜରାବ୍ୟାଧି କିମ୍ବା ଅକ୍ଷମତା ହେତୁ କରଣୀୟ। ପୁନର୍ଜନ୍ମରେ ସୁକୃତ ଫଳପ୍ରାପ୍ତି ନିମନ୍ତେ ଏମାନେ ଅହିଂସା ଧର୍ମ ପାଳନ କରିଥାନ୍ତି। ପବିତ୍ର ପୃଥିବୀକୁ ରକ୍ଷା କରିବା ଅଭିପ୍ରାୟେ ଏମାନେ ଶୀଘ୍ରାତିଶୀଘ୍ର ଦାହସଂସ୍କାର କରିଥାନ୍ତି, ଯାହାକି କେବଳ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟରେ କରଣୀୟ। ମୋକ୍ଷ ନିମନ୍ତେ ସାଧୁ ଆଚରଣ ନିରାମିଷ ଭୋଜନ ଓ ଅହିଂସାକୁ ପରମ କର୍ତ୍ତବ୍ୟ ବିବେଚନା କରିଥାନ୍ତି ଜୈନ ଧର୍ମାବଲମ୍ବୀମାନେ।

## ମୃତ୍ୟୁକୁ ନେଇ ହିନ୍ଦୁ ଧର୍ମରେ ବିଶ୍ୱାସ

ହିନ୍ଦୁ ମତ ଅନୁସାରେ ମୃତ୍ୟୁ ଭଗବତ୍ ବ୍ରହ୍ମ ସମୀପର ଯାତ୍ରା ଅଟେ। ଏହା ଜୀବନର କ୍ରିୟାକର୍ମରେ ନିର୍ଦ୍ଧାରିତ ହୁଏ। ହିନ୍ଦୁ ମତବାଦରେ ମୃତ୍ୟୁ ପରେ ଆତ୍ମାର ଅନ୍ୟତ୍ର ଯାତ୍ରା ହୁଏ। କିନ୍ତୁ ଶରୀର ସହ ତା'ର ମୋହ ଅନବରତ ଥିବାରୁ ଦାହସଂସ୍କାର ପରେ ଶରୀର ସହ ସଂପର୍କ ଛିନ୍ନ ହୁଏ। ଏଣୁ ମୃତ ଶରୀରକୁ ହଳଦି, ଜଳ କିମ୍ବା ଘୃତ ଦ୍ୱାରା ସ୍ନାନ କରାଯାଇ ଚନ୍ଦନ, ଫୁଲମାଳ, ନୂତନ ବସ୍ତ୍ର ପରିଧାନ କରି ଶ୍ମଶାନ ଯାତ୍ରା, ପରିବାର ଓ ମାଲଭାଇଙ୍କ ସହ ପାଳନ କରାଯାଇ ପିଣ୍ଡଦାନ, ତର୍ପଣ ପୂର୍ବକ ଘୃତ, ଚନ୍ଦନ, କାଷ୍ଠ ଆଦିରେ ଚିତାଗ୍ନି ସଂଯୋଗ କରାଯାଏ। ପୁନଶ୍ଚ ହିନ୍ଦୁ ଧର୍ମରେ ଦାହ ସହ ସମାଧିର ବିଧି ରହିଛି। ମୃତ୍ୟୁଶଯ୍ୟା ନିକଟରେ ଭାଗବତ ଗୀତା ପଠନ, ତୁଳସୀ ଗଛ ସ୍ଥାପନ, ମୋକ୍ଷ ନିମନ୍ତେ ଗଙ୍ଗା ଜଳ ପ୍ରଦାନ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ସହ ମୃତ୍ୟୁ ପରେ ପଞ୍ଚମ ଦିବସରୁ ଶୀତଳ ରୀତି ଅବଲମ୍ବନ, ମୃତକର ପସନ୍ଦ ମୁତାବକ ବ୍ରାହ୍ମଣ ଓ ମାଲ ଭାଇମାନଙ୍କୁ ଭୂରି ଭୋଜନ, ଦାନକର୍ମର ବିଧି ହିନ୍ଦୁ ଧର୍ମର ଅନନ୍ୟତାକୁ ପ୍ରଦର୍ଶିତ କରେ। ଆହ୍ଲାବାଦରେ ତ୍ରିବେଣୀ ସଙ୍ଗମ, ଅନ୍ୟାନ୍ୟ ପବିତ୍ର ନଦୀ, ଜଳାଶୟ, ମହୋଦଧିରେ ଅସ୍ଥି ବିସର୍ଜନ ପୂର୍ବକ ଗୟାରେ, ପୁରୀ ଓ ଅନ୍ୟାନ୍ୟ ପବିତ୍ର ସ୍ଥାନରେ ପିଣ୍ଡଦାନ ଆତ୍ମାର ମୋକ୍ଷ ପ୍ରଦାନ ଓ ପୂର୍ବପୁରୁଷଙ୍କ ମୋକ୍ଷ ନିମନ୍ତେ ପାଳନ କରାଯାଏ। ମୃତ୍ୟୁ ପରେ ଆତ୍ମାର ପସନ୍ଦ ସ୍ଥାନରେ ଉପସ୍ଥିତ, ପରିବାରବର୍ଗଙ୍କ ସହ କଥାବର୍ତ୍ତା ନିମନ୍ତେ ବ୍ୟଗ୍ରତା ସଂପର୍କର ଭାବବନ୍ଧନକୁ ସୂଚାଇ ଥାଏ। ବିଧି ଅନୁଯାୟୀ ଜଳାଶୟ ନିକଟରେ ପ୍ରେତ ପୂଜା, ହବିଷ୍ୟ ଭୋଜନ, ଦାନକର୍ମ, ଆତ୍ମା ମୋକ୍ଷ ଓ ପ୍ରେତ ଶାନ୍ତି ନିମନ୍ତେ କରଣୀୟ। ନବମ ରାତ୍ରିରେ ନିଶାର୍ଦ୍ଧରେ ଦ୍ରବ୍ୟାଦି ଅଗ୍ନି ଅଖଣ୍ଡ ଦୀପ ଓ ତାଳ ବେରିହାକୁ ଜଳରେ ବିସର୍ଜନ କରାଯାଇ ଦଶମ ଦିବସରେ କେଶ ଦାନ କରାଯାଇ, ମାଲ ଭାଇଙ୍କୁ ନେଇ ଦଶା,ଶୁଦ୍ଧିକ୍ରିୟା କରାଯାଏ। ଦ୍ୱାଦଶ ତିଥିରେ ସାମାଜିକ ଭୋଜିର ଆୟୋଜନ ହୋଇ ଆତ୍ମାର ସଦଗତି କାମନା କରାଯିବା ସହ ମୃତବ୍ୟକ୍ତି (ପ୍ରେତାତ୍ମା) ସହ ପୂର୍ବପୁରୁଷଙ୍କ ପିଣ୍ଡଦାନ ପୂର୍ବକ ମିଳନ ହୁଏ।

## ଜୀବନର ଚତୁଃପର୍ଯ୍ୟାୟ

ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ପରେ ମୃତ୍ୟୁ ଅନିବାର୍ଯ୍ୟ ହୁଏ, ଯାହାକି ଆତ୍ମା ଓ ପରମାତ୍ମାର ମିଳନରେ ସହାୟକ ହୁଏ। ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ କରି ପରମାନନ୍ଦ ପ୍ରାପ୍ତ କରାଏ ମୋକ୍ଷ। ମୋକ୍ଷକୁ ବିମୋକ୍ଷ, ମୁକ୍ତି ବା ବିମୁକ୍ତି କୁହାଯାଏ, ଯାହାକି ହିନ୍ଦୁଧର୍ମ ପରି ବୁଦ୍ଧ, ଜୈନ, ଶିଖ ଆଦି ଧର୍ମରେ ବିଶ୍ୱାସ କରାଯାଏ। ଯଦ୍ୱାରା ସର୍ବକାଳୀନ ଜୀବନଚକ୍ରରୁ ମୁକ୍ତିପ୍ରାପ୍ତ ହୁଏ। ମୋକ୍ଷପ୍ରାପ୍ତିରେ ଭୌତିକ ସୁଖ, ଦୁଃଖଭରା ସଂସାରରୁ ମୁକ୍ତି ମିଳି ବ୍ରହ୍ମତ୍ୱ ପ୍ରାପ୍ତି ହୁଏ।

ଯୋଗଶାସ୍ତ୍ର ଅନୁସାରେ ଭୌତିକ ଲାଳସାରୁ ବ୍ରହ୍ମପ୍ରାପ୍ତିରୁ ବିଚ୍ୟୁତ ହୁଏ ଜୀବନ। ମୃତ୍ୟୁ ସମୟରେ ଯେଉଁ ବ୍ୟକ୍ତି ଭ୍ରୂଲତା ମଧ୍ୟରେ ପ୍ରାଣବାୟୁକୁ ସ୍ଥାନ କରେ ଓ ନାରାୟଣ ନାମ ଉଚ୍ଚାରଣ କରେ, ସେ ମୋକ୍ଷ ପ୍ରାପ୍ତି ହୁଏ। ଏଣୁ ଭଗବତ ଗୀତାର ଅଷ୍ଟମ ଅଧ୍ୟାୟ ଓ ଦଶମ ଶ୍ଳୋକରେ ବର୍ଣ୍ଣିତ ଅଛି ଯେ:–

ପ୍ରୟାଣ କାଳେ ମନସା ଚଳେନ
ଭକ୍ତ୍ୟା ଯୁକ୍ତୋ ଯୋଗ-ବଳେନ ଚୈବ।
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସତଂ ପରଂ ପୁରୁଷମୁପୈତି ଦିବ୍ୟମ୍।

ଏଠାରେ ସ୍ମରଣୀୟ ଯେ ମୃତ୍ୟୁର ଅଧୀନ ଜୀବନ ହୋଇନଥାଏ। ଜୀବନ ସର୍ବଦା ଶାଶ୍ୱତ, ମୃତ୍ୟୁବିବର୍ଜିତ, ଜନ୍ମ ରହିତ ଓ ଆଦି ଭିତ୍ତି ହୋଇଥାଏ। ଏହାର ମୃତ୍ୟୁ କିମ୍ବା ଜନ୍ମ ନାହିଁ। ଏହା କେବଳ ଚଳଚଞ୍ଚଳ। ଏଣୁ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ, ବିଂଶ ଶ୍ଳୋକରେ ଉଲ୍ଲିଖିତ-

ନ ଜାୟତେ ମ୍ରିୟତେ ବା କଦାଚିତ୍ ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ॥

ଅତଏବ ଜନ୍ମ, ମୃତ୍ୟୁ ଓ ମୋକ୍ଷ ଏକ ମାର୍ମିକ ଅନୁଶୀଳନ ଓ ପରସ୍ପର ସଂଯୋଜିତ। ପ୍ରାଜ୍ଞ ପୁରୁଷମାନେ ଜନ୍ମ, ମୃତ୍ୟୁ ଯନ୍ତ୍ରଣାରୁ ମୁକ୍ତି ପାଇଁ ସର୍ବଦା ତପସ୍ୟାରତ। ମୋକ୍ଷପ୍ରାପ୍ତିର ସହଜଶୀଳ ଅବଲମ୍ବନ ହେଲା:- ପ୍ରତ୍ୟହ ସତ୍ ଆଚାର, ସତ୍ ବିହାର, ସତ୍ ଚିନ୍ତା ଓ ସତ୍‌କର୍ମ। ଏ ସମସ୍ତ ଅନାବିଳ ଜୀବନଚର୍ଯ୍ୟାରେ ପରମାତ୍ମାର ଦର୍ଶନ ଓ ସାନ୍ନିଧ ମିଳେ ଓ ମୋକ୍ଷ ପ୍ରାପ୍ତି ହୁଏ। ଏଣୁ ଭଗବତ ଗୀତାର ଅଷ୍ଟମ ଅଧ୍ୟାୟ ଓ ଚତୁର୍ଦ୍ଦଶ ଶ୍ଳୋକ ପ୍ରଶସ୍ତ, ଯଥା –

ଅନନ୍ୟଃ – ଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହିଂ ସୁଲଭଃ ପାର୍ଥ ନିତ୍ୟ – ଯୁକ୍ତସ୍ୟ ଯୋଗିନଃ।

କେବଳ ଭୌତିକ ପ୍ରାଚୁର୍ଯ୍ୟରେ ଲିପ୍ତ ମାନବ ଆତ୍ମାର ଲକ୍ଷ୍ୟକୁ ଉପଲବ୍ଧି ନ କରି ଜୀବନର ପୂର୍ବାପର ପ୍ରସଙ୍ଗକୁ ଗୌଣ କରି ସମ୍ୟକ ଅବାଞ୍ଛନୀୟ କାମନା ଚରିତାର୍ଥ କରିବା ଦ୍ୱାରା ମୋକ୍ଷ ମାର୍ଗକୁ ବନ୍ଦ କରି ଦେଇ ମୃତ୍ୟୁକୁ ନେଇ ଅତ୍ୟନ୍ତ ଭୟଭୀତ ହେବା ହାସ୍ୟାସ୍ପଦ ମାତ୍ର।

ବିଜ୍ଞାନ କେବେ ମଧ୍ୟ ଧର୍ମର ପର୍ଯ୍ୟାୟବାଚୀ ବା ପ୍ରତିଦ୍ୱନ୍ଦ୍ୱୀ ହୋଇନଥାଏ। ବୌଦ୍ଧିକ ବିକାଶ, ମାନସିକ ଶାନ୍ତି, ସମ୍ପର୍କର ମଧୁରତା ବିଜ୍ଞାନ ପ୍ରଦାନ କରି ପାରେ ନାହିଁ। ଏଣୁ ଆଙ୍ଗିକ ସୁଖଠାରୁ ଆତ୍ମିକ ସୁଖ ସର୍ବଦା ଶାଶ୍ୱତ ଓ ପବିତ୍ର। ଧର୍ମ ଅମରତ୍ୱ ପ୍ରଦାନ କରେ। ମୋକ୍ଷର ମାର୍ଗ ପ୍ରଶସ୍ତ କରି ଅମୃତ ବର୍ଷା କରେ। ଏଣୁ ଆତ୍ମା ହିଁ ଦିବ୍ୟ, ବିନିଷ୍ଟ ଓ ଅମର। ମହାଭାରତର ଭୀଷ୍ମ ପର୍ବ ୨.୨୩ରେ ବର୍ଣ୍ଣିତ ଅଛି ଯେ –

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ହିନ୍ଦୁ ଧର୍ମର ଅନନ୍ୟ ଧର୍ମୀୟ ଭାବଧାରା ମାନବ ଜୀବନର ସମସ୍ତ ଉପାଦାନକୁ ପଞ୍ଚଭୂତରୁ ସୃଷ୍ଟି କରି ତନ୍ମଧ୍ୟରେ ଲୀନ କରିଥାଏ। ଜୀବନ କ୍ରୀଡ଼ାରେ ଜନ୍ମ, ମୃତ୍ୟୁ ଓ ମୋକ୍ଷ ସ୍ୱକୀୟ ଉପସ୍ଥିତିକୁ ବିଧିସମ୍ମତ ଉପସ୍ଥାପନା କରି କାଳଖଣ୍ଡରେ କେବଳ ଭଗବତ ସତ୍ତା ହିଁ ଶ୍ରେଷ୍ଠ ଓ ଅନ୍ୟ ସବୁ ତୁଚ୍ଛ ସନ୍ଦେଶ ପ୍ରଦାନ କରି ଜୀବନ ଗଣିତକୁ ସରଳ, ସହଜ ଓ ଉପଭୋଗ୍ୟ କରୁଛି, ଏହା ନିଃସନ୍ଦେହ। ■

ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ବୌଦ୍ଧ
ମୋ: ୯୪୩୭୦୭୯୦୯୯

# ମୃତ୍ୟୁ, ଅମରତ୍ୱ ଓ ମୃତ୍ୟୁ ପରେ...







ଡକ୍ଟର ନରେନ୍ଦ୍ର ସେଠୀ

## ଚିରସତ୍ୟ ମୃତ୍ୟୁ

ବିଶ୍ୱର ଏକ ଲୋକପ୍ରିୟ ଧର୍ମ ଶାସ୍ତ୍ର 'ମହାଭାରତ'ର ଏକ ଉପକ୍ରମରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ଯକ୍ଷ ପ୍ରଶ୍ନ କରିଥିଲେ ଯେ 'ଏହି ସଂସାରର ସବୁଠୁ ଆଶ୍ଚର୍ଯ୍ୟ କଲାପରି କଥା କ'ଣ ?' "ଏହି ସଂସାରରେ ପ୍ରତ୍ୟେକ ମୁହୂର୍ତ୍ତରେ କେତେ ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି, ତଥାପି ମଣିଷ କେବେ ମରିବାକୁ ଚାହେଁ ନାହିଁ" - ଏହାହିଁ



ସବୁଠୁ ବଡ଼ ଆଶ୍ଚର୍ଯ୍ୟ ବୋଲି ଯୁଧିଷ୍ଠିର ଉତ୍ତରରେ କହିଥିଲେ । ପ୍ରକୃତରେ ଆମେ କେହି ବି ମରିବାକୁ ଚାହୁଁନା । ଆମର ସବୁ ଯୋଜନା ଏପରି ଭାବରେ ହୋଇଥାଏ, ଯେପରି ଆମେ ସବୁଦିନ ପାଇଁ ଜୀବିତ ରହିବୁ । କେବେ ମରିବୁ ନାହିଁ । ଜୀବିତ ହୋଇଥିବା ସମସ୍ତ ପ୍ରାଣୀ ଦିନେ ନା ଦିନେ ମୃତ୍ୟୁବରଣ କରିବ । ଏହା ହିଁ ସଂସାର ସବୁଠୁ ବଡ଼ ସତ୍ୟ । ସେଇଥିପାଇଁ ଧରାପୃଷ୍ଠରେ ଅବତରଣ କରିଥିବା ଭଗବାନ କୃଷ୍ଣ ଓ ରାମଙ୍କୁ ମଧ୍ୟ ଶରୀର ତ୍ୟାଗ କରିବାକୁ ପଡ଼ିଥିଲା ।

**ଶରୀରର ମସ୍ତିଷ୍କ, ହୃଦୟ, ଯକୃତ ପ୍ରଭୃତି ଗୁରତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇଯିବା ପରେ ପାର୍ଥିବ ଶରୀର କାମ କରିବାକୁ ଅକ୍ଷମ ହୋଇଯାଏ । ବିଜ୍ଞାନ ଦୃଷ୍ଟିରେ ଏହାକୁ 'ମୃତ୍ୟୁ' ବୋଲି କୁହାଯାଇଥାଏ । ତେବେ ମୃତ୍ୟୁ ଏକ ପ୍ରକ୍ରିୟା ଓ ଜୀବନରୁ ମୃତ୍ୟୁ ଆଡ଼କୁ ଯିବା ପାଇଁ ସମୟ ସୀମା ଭିନ୍ନ ଭିନ୍ନ ହୋଇଥାଏ । ହୃଦ୍‌ଘାତରେ ଏହା ନିମିଷକ ସମୟ ହୋଇଥିବା ବେଳେ ରୋଗବ୍ୟାଧିରେ ଏହା ଦୀର୍ଘ ହୋଇଥାଏ । ଶରୀରର ସମସ୍ତ ଜୈବିକ ପ୍ରକ୍ରିୟା ବନ୍ଦ ହୋଇଯିବା ପରେ ଶେଷ ଅବସ୍ଥାକୁ ମୃତ୍ୟୁ ବୋଲି କୁହାଯାଇପାରେ । କିନ୍ତୁ ଜୀବନ ଓ ମୃତ୍ୟୁ ଭିତରେ ପାର୍ଥକ୍ୟ ବାରିବା କଷ୍ଟକର ହେଉଥିବା ଯୋଗୁଁ ମୃତ୍ୟୁକୁ ସଂଜ୍ଞା ପ୍ରଦାନ କରିବା ମଧ୍ୟ ବିଜ୍ଞାନ ପାଇଁ ଅସହଜ ହୋଇଥାଏ । ହୃଦୟ ଅକାମୀ ହୋଇଯିବା ଯୋଗୁଁ ନିଃଶ୍ୱାସ ନେବା ବନ୍ଦ ହୋଇଯିବାକୁ କିମ୍ବା ମସ୍ତିଷ୍କ ଅଚଳ ହୋଇଯିବା କାରଣରୁ ସାଧାରଣତଃ ମୃତ୍ୟୁ ହୋଇଥାଏ । ତେବେ ଶରୀରର ଜୈବିକ ପ୍ରକ୍ରିୟା କାର୍ଯ୍ୟ କରୁଥିବା ବେଳେ ଅନେକ ସମୟରେ ମସ୍ତିଷ୍କ ଅଚଳ ହୋଇ ପଡ଼ିଥାଏ । ଏହି ଅବସ୍ଥାକୁ ବ୍ରେନଡେଡ୍ ଅବସ୍ଥା କୁହାଯାଏ ।**



## ମୃତ୍ୟୁ ପରର ଜୀବନ

ଯଦି ଜଣେ ମରିଯାଏ କିପରି ହୋଇପାରେ ମୃତ୍ୟୁ ପରର ଜୀବନ ? ମୃତ୍ୟୁର ରହସ୍ୟ ଜାଣିବା ପାଇଁ ଓ ମୃତ୍ୟୁ ପରର ଅନୁଭବ ବିଷୟରେ ଭାରତୀୟ ଧର୍ମ ଶାସ୍ତ୍ର ଓ ମୁନିଋଷିମାନେ ଯୁଗେ ଯୁଗେ ପ୍ରୟାସ କରିଛନ୍ତି । ଏହି କ୍ରମରେ ମହାନ ସାଧୁ, ଯୁଗ ପ୍ରବର୍ତ୍ତକ ତଥା ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ମତରେ "ଜୀବନ ହେଉଛି ଏକ ନିରନ୍ତର ପ୍ରବାହିତ ହେଉଥିବା ଜଳ ସ୍ରୋତ ପରି । ଏହିପରି ସଂସାର ଥିବା ଯାଏ ଚାଲିଥିବ ଓ ତା'ର ଅର୍ଥ ହେଲା ଜୀବନ ମୃତ୍ୟୁର କ୍ରମ ଅବିରତ ଚାଲିଅଛି । ତାହେଲେ ମରିବା ଓ ପୁଣି ଜନ୍ମ ନେବା ମଧ୍ୟରେ ଯେଉଁ ସମୟ ଥାଏ ଅଥବା ମୃତ୍ୟୁ ପରେ ଜୀବନର କ'ଣ ହୁଏ ? କିମ୍ବା ମୃତ୍ୟୁ ପରର ଦୁନିଆ କିପରି ? ମୃତ୍ୟୁ ପରର ଜୀବନ କଥା ଆଲୋଚନା କରିବାକୁ ହେଲେ ଆମକୁ ଏହା ଗ୍ରହଣ କରିବାକୁ ହେବ ଯେ ଶରୀର ଓ ଆତ୍ମା ଦୁଇଟି ଅଲଗା ଜିନିଷ । ଯେଉଁ ଆତ୍ମା ଶରୀର ସହିତ ଜଡ଼ିତ ହୋଇଥିଲା ତାହା ଶରୀର ଛାଡ଼ି ଚାଲିଗଲା ବେଳେ ଶରୀର ଓ ଆତ୍ମାର ପରସ୍ପରକୁ ନଛାଡ଼ିବା ପାଇଁ ସଂଘର୍ଷ ମଣିଷକୁ ଅନ୍ତିମ ସମୟରେ ମୃତ୍ୟୁ ପୀଡ଼ା ପ୍ରଦାନ କରିଥାଏ । ଆଧ୍ୟାତ୍ମିକ ଶାସ୍ତ୍ର ପୁରାଣ ଅନୁସାରେ ଆତ୍ମା ଶରୀର ଛାଡ଼ିବା ପରେ ଏତେଦିନ ପର୍ଯ୍ୟନ୍ତ ସଂସାର ଭିତର ଯନ୍ତ୍ରଣା, ଭୟ, ଦୁଃଖ ଓ ମୋହ ମାୟାରେ ଛନ୍ଦି ହୋଇ କ୍ଳାନ୍ତ ହୋଇ ପଡ଼ିଥିବା ଆତ୍ମା ବିଶ୍ରାମ କରେ, ଯେଉଁଥି ପାଇଁ ମୃତ୍ୟୁ ପରେ 'ରେଷ୍ଟ ଇନ୍ ପିସ୍' ବୋଲି କୁହାଯାଇଥାଏ । ତେବେ ଶାସ୍ତ୍ର ପୁରାଣ ଓ ଯୋଗୀ ମୁନିଙ୍କ ମତ ଅନୁସାରେ ଆତ୍ମା ପୂର୍ବଜନ୍ମର ସ୍ମରଣରୁ ବର୍ତ୍ତି ନପାରି ପ୍ରାୟ ମାସେ ପନ୍ଦର ଦିନ ପର୍ଯ୍ୟନ୍ତ ବିଚଳିତ ହୋଇ ବିଶ୍ରାମ କରି ପାରେ ନାହିଁ । ଏକ ଆଶ୍ଚର୍ଯ୍ୟ ଚକିତ ପରିବେଶରେ ଆତ୍ମା ସୂକ୍ଷ୍ମ ଅବସ୍ଥାରେ ଏକ ବିହଙ୍ଗ ପରି ଉଡ଼ି ବୁଲେ । ଜୀବିତ ଅବସ୍ଥାରେ ନିଜ ଲୋକମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଅସଫଳ ପ୍ରୟାସ କରିଥାଏ । ଏପରିକି ମୃତ ବ୍ୟକ୍ତିର ସୂକ୍ଷ୍ମ ଆତ୍ମା ତା'ର ପ୍ରିୟ ବ୍ୟକ୍ତି କିମ୍ବା ଘର ଆଖ ପାଖରେ ଅନେକ ଦିନ ପର୍ଯ୍ୟନ୍ତ ଘୂରି ବୁଲେ ବୋଲି ଧାର୍ମିକ ବିଶ୍ୱାସ ଅଛି ।

# ବିଜ୍ଞାନ ଦୃଷ୍ଟିରେ ମୃତ୍ୟୁ ପରର ଜୀବନ

ବିଜ୍ଞାନ କ'ଣ କହେ ଜନ୍ମ, ମରଣ ଓ ମୃତ୍ୟୁ ପରର ଦୁନିଆ ବିଷୟରେ ଆସନ୍ତୁ ବିଚାର କରିବା। ବିଜ୍ଞାନ ମତରେ ହୃଦୟର କାର୍ଯ୍ୟ କରିବା ବନ୍ଦ କରିଦେଲେ ଶରୀର ସମସ୍ତ ଜୈବିକ କ୍ରିୟା ବନ୍ଦ ହୋଇଯିବା ଯୋଗୁଁ ମଣିଷର ମୃତ୍ୟୁ ହୋଇଥାଏ। ଅତି ଆଧୁନିକ ଭେଷଜ ଔଷଧ ଓ ଆଇସିୟୁ ସାହାଯ୍ୟରେ ଡାକ୍ତରମାନେ ମଣିଷର ମସ୍ତିଷ୍କ କାମ କରିବା ବନ୍ଦ କରିଦେବା ପରେ ମଧ୍ୟ ହୃଦୟକୁ ଅନେକ ଦିନ ପର୍ଯ୍ୟନ୍ତ ଜୀବିତ ରଖିବାରେ ସକ୍ଷମ ହେଉଛନ୍ତି। ଏହି ଅବସ୍ଥାରେ ମଣିଷ ଆଇନତଃ ମୃତ ହେଲେ ମଧ୍ୟ ତାହାର ହୃଦୟ କାମ କରୁଥାଏ। ଦୁରାରୋଗ୍ୟବ୍ୟାଧିରେ ପୀଡ଼ିତ କିମ୍ବା ଆଘାତପ୍ରାପ୍ତ ହୋଇ ମୃତ ଘୋଷଣା ପରେ ମଧ୍ୟ ବେଳେ ବେଳେ ବଞ୍ଚି ଯାଇଥିବା ଲୋକମାନଙ୍କର ମୃତ୍ୟୁ ନିକଟ ଅନୁଭୂତି ହୋଇଥାଏ। ଯେତେବେଳେ ଜଣେ ମଣିଷ ହୃଦ୍‌ଘାତ, ଗୁରୁତର ଦୁର୍ଘଟଣା ଭଳି ଜୀବନ ଯିବା ଭଳି ସଂକଟରେ ପଡ଼ିଯାଏ, ସେହି ସମୟରେ ଅନେକ ଲୋକ ମୃତ୍ୟୁ ନିକଟ ଅନୁଭୂତି କରିଥିବାର ପ୍ରମାଣ ମିଳିଛି। ପ୍ରତି ଦଶଜଣ ହୃଦ୍‌ଘାତ ରୋଗୀମାନଙ୍କ ମଧ୍ୟରୁ ଜଣେ ଏହିପରି ଅନୁଭୂତି କରିଥାଏ ବୋଲି ଜଣା ପଡ଼ିଛି। ତେଣୁ ହଜାର ହଜାର ଲୋକ ବିଶ୍ୱରେ ଏହି ମୃତ୍ୟୁ ନିକଟ ଅନୁଭୂତିରେ ନିଜ ଶରୀର ଛାଡ଼ି ସମୟ ଓ ସତ୍ତାର ପ୍ରାଚୀରକୁ ଭେଦ କରିବାର ଅନୁଭୂତି ପ୍ରାପ୍ତ କରିଛନ୍ତି। ଏହା ଉପରେ ଗବେଷଣା କରି ବୈଜ୍ଞାନିକମାନେ ଏହି ବିଷୟରେ କିଛି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଏହି ଲୋକମାନଙ୍କ ମଧ୍ୟରୁ ଶତକଡ଼ା ଚାଳିଶ ଭାଗ ଲୋକ ବାହ୍ୟ ଚିକିତ୍ସାକୁ ପ୍ରତିକ୍ରିୟା ନକରି ମୃତପ୍ରାୟ ରହିଥିଲେ ମଧ୍ୟ ଅନେକ କିଛି ଅନୁଭବ କରୁଥିବାର ଜଣା ପଡ଼ିଛି। ଏହି ମୃତପ୍ରାୟ ବ୍ୟକ୍ତିମାନେ ଯେଉଁମାନେ ପରେ ଜୀବିତ ହୋଇପାରି ଥିଲେ ଦୂରରୁ ନିଜ ଦେହକୁ ଚିକିତ୍ସାଧୀନ ଅବସ୍ଥାରେ ଦେଖି ପାରୁଥିଲେ। ବେଳେବେଳେ ଦୂରରୁ ଏକ ଉଜ୍ଜ୍ୱଳ ଆଲୋକ ସେମାନଙ୍କୁ ସ୍ୱାଗତ କରୁଥିବାର ଅନୁଭବ କରୁଥିଲେ ବୋଲି ଆମେରିକାର ମିସୋରି ବିଶ୍ୱବିଦ୍ୟାଳୟ ତରଫରୁ ଏକ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁସାରେ ହୃଦ୍‌ଘାତ ପାଇଥିବା ୧୫ % ରୋଗୀ ଏହା ଅନୁଭବ କରିଛନ୍ତି। ଏହା ଶରୀରଠାରୁ ପ୍ରାଣର ଅଲଗା ହେବାର ପ୍ରକ୍ରିୟା ବୋଲି କୁହାଯାଇଛି। ସେହିପରି ନେଦରଲ୍ୟାଣ୍ଡରେ ୩୪୪ ଜଣ ମୃତପ୍ରାୟ ରୋଗୀ, ଯେଉଁମାନେ ଅକସ୍ମାତ୍ ଜୀବନ ପାଇଥିଲେ ସେମାନଙ୍କ ଉପରେ ଗବେଷଣା କରି ମୃତ୍ୟୁ ନିକଟ ଅନୁଭୂତି ଉପରେ ଏକ ସୁନ୍ଦର ରିପୋର୍ଟ ପ୍ରକାଶିତ ହୋଇଅଛି। ଏହା ମଧ୍ୟ ଅନୁରୂପ ସମାନ ତଥ୍ୟ ଉପସ୍ଥାପନ କରୁଅଛି। ତେବେ ମୃତ୍ୟୁ ନିକଟ ଅନୁଭୂତି ଏକ କାଳ୍ପନିକ ଅନୁଭୂତି ନୁହେଁ ବୋଲି ସାଇଣ୍ଟିଫିକ୍ ଆମେରିକାନ୍ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି। ଏହା ଶରୀରଠାରୁ ଆତ୍ମାର ଅଲଗା ହୋଇ ଏକ ଯନ୍ତ୍ରଣାମୁକ୍ତ ଦୁନିଆରେ ସୂକ୍ଷ୍ମ ଭାବରେ ଉଡ଼ି ବୁଲିବା ଓ ସେଠାରେ ଯାଇ ନିଜର ପୂର୍ବରୁ ମୃତ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ କରିବା ଭଳି ଘଟଣା ଅଟେ। ବିଜ୍ଞାନର ଏହି ମୃତ୍ୟୁ ନିକଟ ଅନୁଭୂତିକୁ ଭାରତୀୟ ଶାସ୍ତ୍ରରେ ସ୍ପଷ୍ଟ ରୂପରେ ଅନେକ ଥର ବିଭିନ୍ନ ସ୍ଥାନରେ କୁହାଯାଇଛି।








# ଅମରତ୍ୱର ସନ୍ଧାନରେ ବିଜ୍ଞାନ

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।" ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା, ଯିଏ ଜନ୍ମ ନେବ, ତା'ର ମୃତ୍ୟୁ ନିଶ୍ଚିତ। ସେ ଦେବତା ହେଲେ ମଧ୍ୟ ଏହି ନିୟମରେ ବନ୍ଧା। ସତ କହିବାକୁ ଗଲେ, ଆମେ କେହି ମରିବାକୁ ଚାହୁଁନା। ମୃତ୍ୟୁ ଚରମ ସତ୍ୟ ହେଲେ ମଧ୍ୟ ହିଂସା, ଦ୍ୱେଷ, ଈର୍ଷା ଓ ଲୋଭ ଭିତରେ ଘାଣ୍ଟି ହେଇ ରହୁ। ତେବେ ଖୁସିର କଥା ଏହିକି ଯେ, ମଣିଷର ଦୀର୍ଘ ଦିନ ପର୍ଯ୍ୟନ୍ତ ବଞ୍ଚିବାର ଏହି ଲାଳସାକୁ ପୂର୍ଣ୍ଣ କରିବାକୁ ବିଜ୍ଞାନ ଚେଷ୍ଟା କରୁଚି। ଏଠାରେ ସୂଚନାଯୋଗ୍ୟ ଯେ ବିଂଶ ଶତାବ୍ଦୀର ଆରମ୍ଭରେ ମଣିଷର ହାରାହାରି ପରମାୟୁ ମାତ୍ର ୩୧ ବର୍ଷ ଥିଲା ଯାହା ୧୯୫୦ ବେଳକୁ ୪୮ ଓ ୨୦୧୭ ବେଳକୁ ୭୨ ବର୍ଷରେ ପହଞ୍ଚିଲା। ଉନ୍ନତ ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଜ୍ଞାନ କୌଶଳ ଓ ଆର୍ଥିକ ଅଭିବୃଦ୍ଧି ଏଥିପାଇଁ କାରଣ। କିନ୍ତୁ ବିଜ୍ଞାନ ଏଇଠି ଅଟକି ଯାଇନି। ମଣିଷର ପରମାୟୁ ଆହୁରି ବଢ଼େଇ ଦୀର୍ଘଜୀବୀ କରିବା ପାଇଁ ବୈଜ୍ଞାନିକମାନେ ଅଣ୍ଟା ଭିଡ଼ିଛନ୍ତି।

ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ। କୋଷଗୁଡ଼ିକ ଏକରୁ ଦୁଇ, ୨ରୁ ଚାରି ହେଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି। ଆମ ଶରୀରର ଗୋଟିଏ କୋଷ ଏହିପରି ୫୦ ଥର ବିଭାଜନ ହେଲା ପରେ ମୃତ୍ୟୁବରଣ କରିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ତିରିଶ ବର୍ଷ ପରେ ମଣିଷ ଶରୀରର ଧୀରେ ଧୀରେ ଶିଥିଳତା ଆସେ ଓ ବାର୍ଦ୍ଧକ୍ୟ ଆଡ଼କୁ ପାଦ ପକାଏ। କିନ୍ତୁ ସବୁଠୁ ରୋଚକ କଥା ହେଲା ମଣିଷ ଶରୀରରେ କିଛି ଏମିତି କୋଷ ଅଛି ଯାହା ମରେ ନାହିଁ। ଉଦାହରଣ ସ୍ୱରୂପ କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ମରିବାର ସବୁ ଗୁଣ ହରେଇ ବସିଥାନ୍ତି। ଷ୍ଟେମ୍ ସେଲ୍ ଓ ଜର୍ମ ସେଲ୍‌ର ମଧ୍ୟ ଏହି ଗୁଣ ଅଛି। ଯେହେତୁ ଗୁଣସୂତ୍ର ବା ଜିନ୍ ମଣିଷର ବାର୍ଦ୍ଧକ୍ୟ ପାଇଁ ମୋଟାମୋଟି ଦାୟୀ, ବୈଜ୍ଞାନିକମାନେ ଏବେ ଏପରି ଜିନ୍‌ର ସନ୍ଧାନରେ ଅଛନ୍ତି, ଯାହା ବୟସକୁ ଅଟକାଇ ପାରିବ। ଆମେରିକାର ବକ୍ ବୟସ ଗବେଷଣା କେନ୍ଦ୍ର ଓ ଚୀନର ନାଞ୍ଜିଙ୍ଗ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମିଳିତ ଭାବରେ ଏପରି ଏକ ଜିନ୍‌ର ସନ୍ଧାନ କରିଛନ୍ତି, ଯାହା ମଣିଷର ପରମାୟୁ ୪୦୦ ରୁ ୫୦୦ ବର୍ଷ ପର୍ଯ୍ୟନ୍ତ ବଢ଼ାଇପାରେ ବୋଲି ଏକ ଗବେଷଣା ପ୍ରବନ୍ଧରେ ପ୍ରକାଶ ପାଇଛି। ପ୍ରାରମ୍ଭିକ ଭାବରେ ଆମେରିକାର ନର୍ଥ ଓ୍ୱେଷ୍ଟନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବୟସ ବୃଦ୍ଧି କରୁଥିବା ଗୁଣସୂତ୍ରକୁ ପୋକମାନଙ୍କଠାରେ ଠାବ କରି ସାରିଛନ୍ତି। ଗୁଗୁଲ୍, ଓରାକେଲ୍ ଭଳି ବିଶ୍ୱର ଅନେକ ବଡ଼ ବଡ଼ ଘରୋଇ ସଂସ୍ଥା ହଜାର ହଜାର କୋଟି ଟଙ୍କା ଏବେ ଏପରି ଗବେଷଣାରେ ଲଗେଇ ସାରିଲେଣି। ଅମରତ୍ୱ ପାଇବା ପାଇଁ ଆହୁରି ଅନେକ ଉପାୟଗୁଡ଼ିକ ଭିତରେ ହେଲା ବୟସ୍କ କରୁଥିବା ଗୁଣସୂତ୍ରକୁ ବାହାର କରି ଅମର ଗୁଣସୂତ୍ରରେ ବଦଳେଇ ଦେବା। ଯେଉଁଦିନ ବୈଜ୍ଞାନିକମାନେ ଏକ ଅମର ଗୁଣସୂତ୍ରର ସନ୍ଧାନ ପାଇଯିବେ, ମଣିଷ ଅମରତ୍ୱ ପ୍ରାପ୍ତ ନକଲେ ମଧ୍ୟ ୫୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରିବ।

ଆଉ ଗୋଟେ ଉପାୟ ହେଲା କ୍ଲୋନିଂ। ଏହାଦ୍ୱାରା ମଣିଷର ପୁରୁଣା ଅଙ୍ଗ ପ୍ରତ୍ୟଙ୍ଗକୁ ନୂଆ ସଂପୂର୍ଣ୍ଣ ମଣିଷର ଶରୀର ଦ୍ୱାରା ବଦଳେଇ ଦେବା। କ୍ଲୋନିଂର ସଫଳ ପ୍ରଦର୍ଶନ ବୈଜ୍ଞାନିକ ମେଣ୍ଢା ଓ ମୂଷା ପରି ପ୍ରାଣୀଙ୍କ ଦେହରେ କରି ସଫଳତା ପାଇଁ ସାରିଲେଣି। ସେହିପରି କ୍ରାୟୋଜେନିକ୍ ବା ନିମ୍ନ ତାପିକି କୌଶଳ ଦ୍ୱାରା ମଣିଷର ଶରୀରକୁ ବର୍ଷ ବର୍ଷ ଧରି ସୁପ୍ତ ଅବସ୍ଥାରେ ସଂରକ୍ଷଣ କରି ରଖାଯାଇ ପାରିବ। ଦରକାର ପଡ଼ିଲେ ନିଦରୁ ଉଠିଲା ପରି ଚେଇଁ ନୂଆ ଜୀବନ ବିତେଇବ। ଯା ଭିତରେ ରୁଷିଆର ଜଣେ ଶିଳ୍ପପତିଙ୍କ ଆର୍ଥିକ ଅନୁଦାନରେ ପ୍ରୋଜେକ୍ଟ-୨୦୪୫ ନାମକ ଗବେଷଣା ଅନୁଯାୟୀ ମଣିଷର ମସ୍ତିଷ୍କକୁ ପ୍ରୋଗ୍ରାମିଂ କରି ଏକ କମ୍ପ୍ୟୁଟର ହାର୍ଡ ଡ୍ରାଇଭରେ ଭର୍ତ୍ତି କରିଦିଆ ଯିବ ଓ ମଣିଷ ଅମରତ୍ୱ ଲାଭ କରିବ। ଏହି ସଂସ୍ଥାର ଦାବି ଅନୁଯାୟୀ ଆଗାମୀ ୧୭ ବର୍ଷ ଭିତରେ ମଣିଷ ଏହି ସାଇବର୍ ବ୍ରେନ୍ ଉପାୟରେ ଅମରତ୍ୱ ଲାଭ କରିବାରେ ସଫଳ ହେବ।





ତେବେ ଭାରତୀୟ ବିଜ୍ଞାନ ଏକାଡେମୀର ଏକ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ କୌତୂହଳପୂର୍ଣ୍ଣ ଗାଣିତିକ ସମୀକରଣ ଅନୁସାରେ ମଣିଷ ଭଳି ବହୁକୋଷୀୟ ପ୍ରାଣୀର କୋଷିକାର ମୃତ୍ୟୁ ଗତିକୁ ଅଟକାଇଲେ ଏକା ସମୟରେ କର୍କଟ ଆକ୍ରାନ୍ତ କୋଷିକାଗୁଡ଼ିକର ଅନିୟନ୍ତ୍ରିତ ବୃଦ୍ଧି ହେବ। ତେଣୁ ଏହି ଗାଣିତିକ ସମୀକରଣ ଅନୁସାରେ ମଣିଷ ପାଇଁ ଅମରତ୍ୱ ଲାଭ କରିବା ଅସମ୍ଭବ। ତେବେ ଆମ ଆଖପାଖରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି, ଯିଏ ପାଞ୍ଚ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରୁଛି। ତେଣୁ ମଣିଷ ଯେ ଦିନେ ନିଜର ଜୀବନ ଧାରଣ ସମୟସୀମାକୁ ଇଚ୍ଛା ଅନୁସାରେ ବଢ଼ାଇ ପାରିବ, ଏହାର ଯଥେଷ୍ଟ ସମ୍ଭାବନା ଅଛି।. ■

ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାରଖଣ୍ଡ -୮୩୨୧୦୨
ମୋ: ୭୦୦୪୦୬୮୧୧୦



# ମୃତ୍ୟୁ-ବଞ୍ଚିବାର ଏକ କଳା



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

## ଭୟ ଓ ଆତଙ୍କ ସୃଷ୍ଟିକାରୀ


"ମୃତ୍ୟୁ" ଏ ଶବ୍ଦଟିକୁ ଶୁଣିବା ମାତ୍ରକେ ପ୍ରତ୍ୟେକଙ୍କ ମନରେ ଭୟ ଓ ଆତଙ୍କ ଖେଳିଯାଏ ସ୍ୱାଭାବିକ ଭାବରେ । ତେଣୁ ମଣିଷ ଏହି ଶବ୍ଦ ଉଚ୍ଚାରଣ କରିବା ପାଇଁ ଚାହେଁ ନାହିଁ କିମ୍ବା ଏ ସମ୍ପର୍କରେ ଚିନ୍ତା କରିବା ମଧ୍ୟ ତା' ପାଇଁ ଏକ ଭୟଙ୍କର ଅନୁଭୂତି । ଯଦି ଏ ସମ୍ପର୍କିତ କୌଣସି ଆଲୋଚନା ହେଉଥାଏ କେଉଁଠି ତାହାର ଦୂରବର୍ତ୍ତୀ ହୋଇ ରହିବା ପାଇଁ ଚାହେଁ ସେ । ଏପରି କି ଯଦି ସ୍ୱପ୍ନରେ ସେଭଳି ଦୃଶ୍ୟ କେହି ଦେଖେ ତାହେଲେ ଆଖିରୁ ତା'ର ନିଦ ହଜିଯାଏ ସେଦିନ ପାଇଁ । ସେ ଭୁଲି ଯିବାକୁ ସର୍ବଦା ଚେଷ୍ଟା କରେ ଆନ୍ତରିକ ଭାବରେ । ନିଜ ପ୍ରିୟଜନଙ୍କ ମୃତ୍ୟୁରେ ଯେ କେହି ଦୁଃଖରେ ଭାଙ୍ଗି ପଡ଼ିବା ଦେଖାଯାଏ । ଆଉ ନିଜ କ୍ଷେତ୍ରରେ ସେପରି କଥା କଳ୍ପନା କଲେ ମଧ୍ୟ ତା'ର ଦେହ ଶୀତେଇ ଉଠେ ଉତ୍ତପ୍ତ ଗ୍ରୀଷ୍ମକାଳରେ ମଧ୍ୟ ।



## ପୁନର୍ଜନ୍ମ କାହିଁକି

ରାମକୃଷ୍ଣ ପରମହଂସଙ୍କ ମତରେ "ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଅନୁଭବ କରି ନାହିଁ ସେ ପର୍ଯ୍ୟନ୍ତ ତାଙ୍କର ପୁନର୍ଜନ୍ମ ଘଟୁଥିବ । ଜ୍ଞାନ ଉଦ୍ରେକ ହେବା ପରେ ଏ ପୃଥିବୀକୁ ଫେରିବାକୁ ପଡ଼େନାହିଁ ।" ବୁଦ୍ଧ ଦେବଙ୍କ ମତାନୁସାରେ "ଯେ ପର୍ଯ୍ୟନ୍ତ କାମନାରୁ ମଣିଷ ମୁକ୍ତି ହୋଇନାହିଁ ସେ ପର୍ଯ୍ୟନ୍ତ ତା'ର ନିର୍ବାଣ ପ୍ରାପ୍ତି ସମ୍ଭବ ନୁହେଁ ।"

## ମହାପୁରୁଷଙ୍କ ଉପଲବ୍ଧିରେ ମୃତ୍ୟୁ





ମହାଯୋଗୀ ଓ ମହାକବି ଶ୍ରୀଅରବିନ୍ଦ ମଣିଷର ଚେତନା ବିବର୍ତ୍ତନଶୀଳ ବୋଲି ଦର୍ଶାଯାଇ ଦେଇଛନ୍ତି । ସେଥିପାଇଁ ଜନ୍ମ ପରେ ଜନ୍ମ ତାହାର ବିକାଶ ଅନ୍ତଃହୀନ । ମହାତ୍ମା ଗାନ୍ଧୀ କହିଛନ୍ତି "ତୁମେ କାଲି ମରିବାକୁ ଯାଉଥିବା ପରି ବଞ୍ଚ । ଆଉ ଚିରଦିନ ବଞ୍ଚିରହିବା ପରି ଶିକ୍ଷା ଗ୍ରହଣ କର ।" ମୃତ୍ୟୁକୁ ଏକ ଆଶୀର୍ବାଦ ବୋଲି ସେ ଗ୍ରହଣ କରିଛନ୍ତି । ପରମହଂସ ଯୋଗାନନ୍ଦଙ୍କ ଦୃଷ୍ଟିରେ "ଆମେ କଦାପି ମରିବା ନାହିଁ । କେବଳ ଆମ ଶରୀର ଓ ଆମେ ପରସ୍ପର ପରିଚିତ ବୋଲି ଅନୁଭବ କରୁ ଯେ ଆମେ ମରୁଚୁ ।" ବିଶ୍ୱକବି ରବୀନ୍ଦ୍ର ନାଥ ତାଙ୍କ ଶ୍ରେଷ୍ଠ କବିତାଗ୍ରନ୍ଥ 'ଗୀତାଞ୍ଜଳି'ରେ ମୃତ୍ୟୁକୁ ଜୀବନର ପରିପୂର୍ଣ୍ଣତା ବୋଲି ବର୍ଣ୍ଣନା କରିଛନ୍ତି । ଆଉ ପୁଣି କେତେବେଳେ ମୃତ୍ୟୁକୁ ଶ୍ୟାମ ସମାନ ବୋଲି ଅଭିହିତ କରିଛନ୍ତି । ମହାପୁରୁଷ ସକ୍ରେଟିସ୍‌ଙ୍କୁ ଯେତେବେଳେ ମୃତ୍ୟୁଦଣ୍ଡ ଦିଆଯାଇ "ହେମଲକ୍" ନାମକ ବିଷପାନ କରିବା ପାଇଁ ଦିଆଯାଇଥିଲା ସେତେବେଳେ, ସେ ତାଙ୍କର ପ୍ରିୟ ଶିଷ୍ୟମାନଙ୍କୁ କହିଛନ୍ତି ଯେ ସକ୍ରେଟିସ୍‌ର ମୃତ୍ୟୁ ହେବ ନାହିଁ । ବିଷପାନ କରିବା ଦ୍ୱାରା ଅଙ୍ଗପ୍ରତ୍ୟଙ୍ଗ ତାଙ୍କର ଧୀରେ ଧୀରେ ଶିଥିଳ ଓ ଅଚଳ ହୋଇପଡୁଛି । ଏହିପରି ସମୟରେ ସେ କହୁଛନ୍ତି ଯେ ସକ୍ରେଟିସ୍ ରହିଛି ସମ୍ପୂର୍ଣ୍ଣ ଶାନ୍ତ ଓ ଅବିଚଳିତ ହୋଇ ।

## ଭାରତୀୟ ଚେତନାରେ ମୃତ୍ୟୁର ଉପଲବ୍ଧି

ଭାରତୀୟ ସନାତନ ଧର୍ମ ଓ ସଂସ୍କୃତି ଶରୀର ନଶ୍ୱର କିନ୍ତୁ ଆତ୍ମା ଅବିନଶ୍ୱର ବୋଲି ବିଶ୍ୱାସ କରିଥାଏ । ଭଗବତ୍ ଗୀତାରେ ଆତ୍ମାର ଜନ୍ମ ବା ମୃତ୍ୟୁ ଉଭୟ ହିଁ ଅନୁପସ୍ଥିତ ବୋଲି କୁହାଯାଇଛି । ଭାରତବର୍ଷ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକଙ୍କ ଅବସ୍ଥାନରେ ବୈଚିତ୍ର୍ୟ ମଣ୍ଡିତ । ତେଣୁ ତଦନୁସାରେ ବିଭିନ୍ନ ବିଶ୍ୱାସର ଧାରା ପ୍ରବାହିତ । ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ' ଉପନ୍ୟାସରେ ସରବୁ ସାଓଁତା ତା'ର ମୃତ୍ୟୁ ମୁହୂର୍ତ୍ତରେ କହିଛି – " ଏଥର ଯାଏଁ, ପୁଣି ତ ଆସିବାକୁ ହେବ ।" ତେଣୁ ମଣିଷ ପରବର୍ତ୍ତୀ ପୁନର୍ଜନ୍ମ ବିଶ୍ୱାସ ଭାରତୀୟ ସଂସ୍କୃତିରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।



## ମୁଁ ମୃତ୍ୟୁ ଶିଖାଉଛି



ଆଧୁନିକ ଯୁଗରେ ଦାର୍ଶନିକ ରଜନୀଶ (ଓଶୋ) "ମୁଁ ମୃତ୍ୟୁ ଶିଖାଉଛି" ନାମକ ଏକ ପୁସ୍ତକ ଲେଖିଛନ୍ତି । ଏହି ପୁସ୍ତକଟି ସମ୍ପାଦନା କରିବା ସମୟରେ ସ୍ୱାମୀ ଯୋଗ ଚିନ୍ମୟ କହିଛନ୍ତି "ମୁଁ ମୃତ୍ୟୁ ଶିଖାଇଥାଏ, ଏହାର ଅର୍ଥ ନୁହେଁ ଯେ ମୁଁ ଜୀବନ ବିରୋଧୀ । ଏହାର ଅର୍ଥ ହେଉଛି ମୃତ୍ୟୁ ଜୀବନର ଏକ କଳା । ମୃତ୍ୟୁର ସାକ୍ଷାତକାର କରି ଏହାକୁ ଦେଖିବାକୁ, ବଞ୍ଚିବାକୁ, ପରିଚିତ ହେବାକୁ ପଡ଼ିବ ।" ଯୀଶୁଖ୍ରୀଷ୍ଟଙ୍କ ଉଦାହରଣ ଦେଇ ରଜନୀଶ କହୁଛନ୍ତି ଯେ ସାଧାରଣତଃ ଲୋକମାନେ ଭାବିଥାନ୍ତି ଯୀଶୁ କହୁଥିଲେ ଏ ଲୋକମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ । ମାତ୍ର ଓଶୋ ଏହାର ବ୍ୟାଖ୍ୟା କରି ବୁଝାଇ ଦେଇଛନ୍ତି ଯେ " ଏହି ପାଗଳ ଲୋକମାନଙ୍କୁ ଜଣା ନାହିଁ ଯେ ଯାହାକୁ ଏମାନେ ମାରୁଛନ୍ତି ସେ ମରିପାରେନା । ଏମାନେ ମାରିବାର କାମ କରିଛନ୍ତି ଯାହା ଅସମ୍ଭବ ଅଟେ ।" ରଜନୀଶଙ୍କ ତତ୍ତ୍ୱ ବାଖ୍ୟା ଏକ ଅସରନ୍ତି ବ୍ୟାପାର । ସ୍ୱଭାବ କବି ଗଙ୍ଗାଧର ମେହେର 'ଇନ୍ଦୁମତୀ' କାବ୍ୟରେ କହିଛନ୍ତି ଆୟୁଷ ରୂପକ ତୈଳ ଯାହାକୁ ଯେତିକି ବିଶ୍ୱ ବିଧାତା ଦେଇଛନ୍ତି ସେ ସେତିକି ଦିନ ପର୍ଯ୍ୟନ୍ତ ଜୀବନଧାରଣ କରିପାରିବ । ତାଙ୍କର ସୁପୁତ୍ର ଭଗବାନ ମେହେର ଲେଖିଛନ୍ତି–

*ଆସ ଆସ ମରଣ ହେ ,*
*ଆସି ଯାଓ ଥରେ*
*ଦେଖେ ତୁମ ଦିବ୍ୟରୂପ ।*
*ନୟନ ପଥରେ ।*

ଚିରଦିନ ପାଇଁ ଆଖି ମୁଦିଦେଲେ ମୃତ୍ୟୁର ସୁଦର୍ଶନ ରୂପ ଉଦ୍‌ଭାସିତ ହୋଇଯାଇପାରେ । କର୍ଣ୍ଣରେ ଯେତେବେଳେ ଏ ସଂସାରର ଆଉ କିଛି ଶବ୍ଦ ଶୁଣାଯାଏ ନାହିଁ, ସେତେବେଳେ ମୃତ୍ୟୁର ମଧୁର ସମ୍ବୋଧନ ଶୁଣାଯାଏ । ଯେତେବେଳେ ମନୁଷ୍ୟ ସ୍ପର୍ଶଶକ୍ତି ହରାଇ ନିଷ୍କ୍ରିୟ ହୋଇଯାଏ, ସେତେବେଳେ ମରଣର ମହନୀୟ ସ୍ପର୍ଶାନୁଭୂତି ପ୍ରାପ୍ତ ହୁଏ । ଆଘ୍ରାଣ ଶକ୍ତି ଯେତେବେଳେ ଲୁପ୍ତ ହୋଇଯାଏ ସେତେବେଳେ ଅପୂର୍ବ ବାସ୍ନାରେ ଭରିଯାଏ ସମଗ୍ର ଆତ୍ମା । ମୃତ୍ୟୁ ଅନ୍ଧାର ହେଲେ ତା' ମଧ୍ୟରେ ଝଲସି ଉଠେ ଯେଉଁ ଆତ୍ମା, ତାହା ଜୀବନ ବିନ୍ଦୁ । ବିଶିଷ୍ଟ ବଙ୍ଗଳା ଔପନ୍ୟାସିକ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ "ଦେବଯାନ" ନାମକ ଏକ ଉପନ୍ୟାସ ରଚନା କରିଛନ୍ତି । ଏହାର ବିଷୟବସ୍ତୁ ହେଉଛି ମୃତ୍ୟୁ ପରବର୍ତ୍ତୀ ଜୀବନର ବିଭିନ୍ନ ସ୍ତରରେ ମଣିଷର ସୂକ୍ଷ୍ମସତ୍ତା କିପରି ଉତ୍ତରଣ ଅଭିମୁଖୀ ହୋଇଥାଏ । ଆମ ଓଡ଼ିଶାର ବିଶିଷ୍ଟ ଲେଖକ ଚନ୍ଦ୍ରଶେଖର ରଥ ଲେଖିଛନ୍ତି ଏକ ପୁସ୍ତକ । ଯାହା ନାଁ 'ମୃତ୍ୟୁ ଆରପାରିରୁ ସଙ୍କେତ" । ଏ ପୁସ୍ତକରେ ଲେଖକ ଯେପରି ପ୍ରାମାଣିକ ଭାବରେ ଦର୍ଶାଇ ଦେଇଛନ୍ତି ଯେ ମୃତ୍ୟୁ ପରବର୍ତ୍ତୀ ଜୀବନ ହେଉଛି ଏକ ଅଦୃଶ୍ୟ ବାସ୍ତବତା, ଏଥିରେ କୌଣସି ପାଠକ ଅବିଶ୍ୱାସ କରିପାରିବେ ନାହିଁ ।

ପୃଥିବୀର ବିଭିନ୍ନ ଭାଷାରେ ମୃତ୍ୟୁ ସମ୍ପର୍କରେ ଯେଉଁ ଉପଲବ୍ଧି ବର୍ଣ୍ଣିତ ହୋଇଛି, ତାହାର ବିସ୍ତାର ବର୍ଣ୍ଣନା କରିବା ଏହି ପରିସର ମଧ୍ୟରେ ସମ୍ଭବ ନୁହେଁ । ତେବେ ଦିବ୍ୟ ଜୀବନର ସାଧିକା ଶ୍ରୀ ଅରବିନ୍ଦଙ୍କ ଯୋଗ ସାଧନାର ସହ ଯାତ୍ରିଣୀ ଶ୍ରୀମା କହିଛନ୍ତି ଯେ "ଯେ ପର୍ଯ୍ୟନ୍ତ ଶରୀରଟିକୁ ଛାଡ଼ିବା ପାଇଁ ଆତ୍ମା ଅନୁମତି ନ ଦେଇଛି, ସେ ପର୍ଯ୍ୟନ୍ତ ମୃତ୍ୟୁ କଦାପି ସମ୍ଭବ ନୁହେଁ ।" ଶ୍ରୀଅରବିନ୍ଦ ଇଂରାଜୀରେ ରଚିତ ତାଙ୍କର ମହାକାବ୍ୟ "ସାବିତ୍ରୀ"ରେ ପ୍ରତିପାଦନ କରିଦେଇଛନ୍ତି ଯେ ଦିବ୍ୟପ୍ରେମ ଆଗରେ ମୃତ୍ୟୁର ଦେବତା କିପରି ପରାଜୟ ସ୍ୱୀକାର କରିଛନ୍ତି । ସମସ୍ତ ଦୃଷ୍ଟିରୁ ବିଚାର କଲେ ମୃତ୍ୟୁ ଭୟ ବା ଆତଙ୍କର କାରଣ ନ ହୋଇ ଶେଷହୀନ ଗବେଷଣାର ବିଷୟବସ୍ତୁ ହୋଇପାରେ । ତେଣୁ ମୃତ୍ୟୁ-ଚିନ୍ତନ, ମୃତ୍ୟୁବରଣ, ମୃତ୍ୟୁକୁ ପରାଜିତ କରିବାର ଆତ୍ମିକ ଶକ୍ତି ହେଉଛି ଜୀବନ ବଞ୍ଚିବାର ଏକ ସ୍ୱତନ୍ତ୍ର କଳାତ୍ମକ ସୌନ୍ଦର୍ଯ୍ୟ । ଏହା ଆତଙ୍କର କାରଣ ନ ହୋଇ ଆନନ୍ଦ ଉପଲବ୍ଧିରେ ପରିଣତ ହେବ ଆଜି ନହେଲେ ବି ଭବିଷ୍ୟତରେ ନିଶ୍ଚିତ । ■



ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର



ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

# ଜନଜାତିରେ ମୃତ୍ୟୁ ଚେତନା

ଇହକାଳ ଓ ପରକାଳ ଉପରେ ଜନଜାତିଙ୍କ ଗଭୀର ବିଶ୍ୱାସ ରହିଛି । ମୃତ୍ୟୁ ପରେ ମଣିଷର ଆତ୍ମା ଘୂରି ବୁଲେ । ଡୁମା ଆକାରରେ ଆତ୍ମୀୟଙ୍କ ଉପରେ ନଜର ରଖିଥାଏ ବୋଲି ବିଶ୍ୱାସ । ସେଥିପାଇଁ ପୂର୍ବପୁରୁଷ ଓ ମୃତଲୋକଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରେ । ବିଭିନ୍ନ ପର୍ବପର୍ବାଣିରେ ଦେବତା ସହ ମୃତଆତ୍ମାକୁ ସମ୍ମାନ ଜଣାଇ ନୈବେଦ୍ୟ ଅର୍ପଣ କରେ । ମୃତ୍ୟୁକୁ ନେଇ ବିଭିନ୍ନ ଜନଜାତି ମଧ୍ୟରେ ଅନେକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ରହିଛି । ସ୍ୱାଭାବିକ ମୃତ୍ୟୁକୁ ନେଇ ଜନଜାତି ଏକ ପ୍ରକାର ପ୍ରଥା ପାଳନ କରୁଥିବାବେଳେ ଅସ୍ୱାଭାବିକ ମୃତ୍ୟୁ ଘଟିଲେ ଭିନ୍ନ ପ୍ରକାର ପ୍ରଥାକୁ ପାଳନ କରନ୍ତି । କୌଣସି ପରିବାରର ପୂର୍ବ ପୁରୁଷ କେହି ଫାଶୀ ହୋଇଥିଲେ, ବାଘ ଟାଣି ଖାଇଥିଲେ, କୁଷ୍ଠ ରୋଗରେ ପୀଡିତ ହୋଇଥିଲେ, କୁକୁର କିମ୍ବା ବିଲୁଆ କାମୁଡ଼ି କେହି ମରିଥିଲେ, ସର୍ପାଘାତରେ ମରିଥିଲେ, ବଜ୍ରପାତରେ ପରିବାରର କେହି ନିଧନ ହୋଇଥିଲେ ସେହି ପରିବାରର ଝିଅକୁ ବାହା ହେବାକୁ କନ୍ଧ ଜନଜାତିରେ ବାରଣ ଥାଏ । ଏଭଳି ମୃତ୍ୟୁ ଦେବତାଙ୍କ ଅଭିଶାପର ଫଳ ବୋଲି ବିଶ୍ୱାସ । ତେଣୁ ସେହି ପରିବାରର ଝିଅକୁ କନ୍ଧ ଜନଜାତିରେ କେହି ବାହା ହୁଅନ୍ତି ନାହିଁ ।

## କନ୍ଧ ଜନଜାତିରେ ମୃତ୍ୟୁ ଚେତନା

ଛୁଆଟି ଜନ୍ମ ହେଲେ ସେ କେଉଁ ପୂର୍ବପୁରୁଷ ତା'ର ନିଦାନ ଖୋଜିବସେ ଜାନୀ, ଦିଶାରୀ ଓ ପେଜୁଣୀ ଜରିଆରେ । କେଉଁ ମରି ଯାଇଥିବା ଆତ୍ମା ପୁନରୂପି ଛୁଆ ଆକାରରେ ସେମାନଙ୍କ ଘରେ ଜନ୍ମ ଲାଭ କରିଛି ପେଜୁଣୀ ଜରିଆରେ ସେ କଥା ଦେବତା କହେ ବୋଲି ଗୋଟେ ଦୃଢ ବିଶ୍ୱାସ ରହିଛି । ସେହିଭଳି ଜନଜାତିରେ କେହି ମରିଗଲେ ସେ କିପରି ମଲା ନିଜେ ଆତ୍ମା ପେଜୁଣୀ ଶରୀରରେ ପ୍ରବେଶ କରି କହେ ବୋଲି ଗୋଟେ ବିଶ୍ୱାସ ରହିଛି । ସେଥିପାଇଁ ମୃତ୍ୟୁ ପରବର୍ତ୍ତୀ ପୂଜାକ୍ରମରେ ଜନଜାତି ଲୋକ ଏକଥା ଜାଣିପାରନ୍ତି । କନ୍ଧ ଜନଜାତିର କିଏ ମରିଗଲେ ମରିବା ପରଦିନ ଆମ୍ବପାଣି କର୍ମ ଜରିଆରେ ଗାଁ ଭାଇ ଶୁଦ୍ଧି ହୁଅନ୍ତି । ପୂଜାପାଠ କଲା ପରେ ପେଜୁଣୀ ଦେହକୁ ଦେବତା ସବାର ହୁଏ । ଲୋକଟିର ମୃତ୍ୟୁ କିପରି ହେଲ । ସେ ବଖାଣି କହେ । ଏହା ସହ ତା'ର ଆତ୍ମା କେଉଁ ଅନ୍ୟ ଆତ୍ମାରେ ପ୍ରବେଶ କଲା ଏବଂ କେଉଁ ରୂପରେ ଜନ୍ମଲାଭ କଲା, ସେ କଥା ପେଜୁଣୀ କହିପାରେ ବୋଲି କନ୍ଧ ଜନଜାତିରେ ବିଶ୍ୱାସ ରହିଛି । ଏବେ ବି ମୃତ୍ୟୁ ପରେ ଏହି ପ୍ରକ୍ରିୟା ପାଳନ ହେଉଛି କନ୍ଧ ପରିବାରରେ ।





## ସଉରା ସଂପ୍ରଦାୟରେ ମୃତକର କ୍ରିୟାକର୍ମ

ସଉରା ସମ୍ପ୍ରଦାୟରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କଲେ ଶବକୁ କୁଟୁଂଣୀ ସିଧାରେ ଶୁଆଇ ଦିଆଯାଏ । ଶବ ଉପରେ ଗୋଟିଏ ନୂଆ ଲୁଗା ଘୋଡ଼ାଇ ଦିଆଯାଏ । ମୃତବ୍ୟକ୍ତିଙ୍କ ପରିବାର ଲୋକେ ଗୋଟିଏ ହାଣ୍ଡି ମଦ ଆଣି ଦାଣ୍ଡ ମଝିରେ ରଖନ୍ତି । ମୃତ୍ୟୁଖବର ଶୁଣିଲା ମାତ୍ରେ ଗାଁର ସମସ୍ତ ଲୋକ ମଲାଘରେ ଉପସ୍ଥିତ ହୁଅନ୍ତି । ଅଳ୍ପ ମଦ ପିଇବା ପରେ ଶବ ସତ୍କାର ଲାଗି କାଠ ସଂଗ୍ରହ, କୋକେଇ ପ୍ରସ୍ତୁତିରେ ଲାଗିପଡନ୍ତି । ଶବକୁ ଗାଧୋଇ ସାରିବାପରେ ନୂଆ ଲୁଗା ଘୋଡ଼ାଇ ପାରଂପରିକ ବାଜା ବଜାଇ ଶ୍ମଶାନକୁ ନିଆଯାଏ । ଉଭୟ ପୁରୁଷ ଓ ସ୍ତ୍ରୀ ଲୋକ ତା'ର ବ୍ୟବହୃତ ଜିନିଷ ଧରି ଶବ ସହିତ ଶ୍ମଶାନ ପର୍ଯ୍ୟନ୍ତ ଯାଆନ୍ତି । ଶବଟି ସମ୍ପୂର୍ଣ୍ଣ ରୂପେ ଦାହ ହେବା ଯାଏ ରହନ୍ତି । ତା' ପରଦିନ ସକାଳେ ମୃତବ୍ୟକ୍ତିର ସମ୍ପର୍କୀୟମାନେ ହାଡ଼ ଶୀତଳା ପାଇଁ ମଶାଣିକୁ ଯାଆନ୍ତି । ସ୍ତ୍ରୀଲୋକମାନେ ପୋଡ଼ି ଥିବା ନିଆଁ ଓ ପାଉଁଶରେ ପାଣି ପକାନ୍ତି । ଯଦି ମୃତବ୍ୟକ୍ତିର ପୂର୍ବଶତ୍ରୁ ପାଣି ଧରି ପକାଇବାକୁ ଆସେ, ତେବେ ଟିକିଏ ପାଣି ପଡ଼ିବା ମାତ୍ରେ ନିଆଁର ଝାସ ହୁହୁ ହୋଇ ବାହାରି ଆସେ । ସେତେବେଳେ କୁଡ଼ାନ୍ ଆସି ମନ୍ତ୍ର ଉଚ୍ଚାରଣ କରି କହିବ, ଆଗରୁ ଯେଉଁ ଶତ୍ରୁତା ଥିଲା ତା'କୁ ପାସୋରିଯା, ମନରେ ରଖନା, ଏତେ କପଟ ରଖିଲେ ଆତ୍ମା ଯିବ କିପରି । ତା'ପରେ ପୂର୍ବଶତ୍ରୁତା ଥିବା ଲୋକ ପାଣି ପକାଇଲେ ଆଉ ନିଆଁର ଝାସ ହୁହୁ ହୋଇ ବାହାରି ଆସେ ନାହିଁ । ଏପରି ଲୋକ ବିଶ୍ୱାସ ଅନ୍ୟ କୌଣସି ଜନଜାତି ସମ୍ପ୍ରଦାୟରେ ଦେଖାଯାଏ ନାହିଁ ।

## ପରଜନ୍ମରେ ବିଶ୍ୱାସ

ସାଧାରଣତଃ ମୃତ୍ୟୁ ପରେ ଶବକୁ ଜନଜାତି ଲୋକମାନେ ପୋଡ଼ି ଦିଅନ୍ତି । କିନ୍ତୁ ଯେଉଁ ବ୍ୟକ୍ତି ସାପ କାମୁଡ଼ାରେ, ବସନ୍ତ ରୋଗରେ, କୁଷ୍ଠ ବ୍ୟାଧିରେ ମୃତ୍ୟୁବରଣ କରିଥାନ୍ତି କିମ୍ବା ୧ ବର୍ଷରୁ କମ୍ ଛୋଟ ଛୁଆ ମରିଥିଲେ ତାକୁ ପୋଡ଼ିବା ବଦଳରେ ପୋତିଥାନ୍ତି । ତୃତୀୟ ଦିନକୁ 'ମାଡ଼ହେଟନେଲୁ' କୁହାଯାଏ । ଏହି ଦିନ ସକାଳୁ ବେଜୁଣୀକୁ ଡାକି କୌଣସି ଗୋଟିଏ ଆମ୍ବଗଛ ମୂଳକୁ ବେଜୁଣୀ ସମେତ ଅନ୍ୟ କେତେକ ଲୋକ ଯାଆନ୍ତି । ଗୋଟିଏ କୁଲାରେ କିଛି ଅରୁଆ ଚାଉଳ ନେଇ ସେଥିରେ ଅଳ୍ପ ହଳଦୀ ମିଶାଇ ବେଜୁଣୀ ମନ୍ତ୍ର ପାଠକରି ଦେବତାଙ୍କୁ ସ୍ମରଣ କରେ । କୌଣସି ଏକ ଅଶରୀରୀ ଶକ୍ତି ତା' ଦେହରେ ପ୍ରବେଶ କଲାପରେ ପାଗଳ ପରି କିଛି ଗପିବାକୁ ଲାଗେ । ଏହି ସମୟରେ ମୃତବ୍ୟକ୍ତିଙ୍କର ବନ୍ଧୁବର୍ଗ ଓ ରକ୍ତ ସମ୍ପର୍କୀୟମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ବେଜୁଣୀ ଦେଇଥାଏ । ଏହାଦ୍ୱାରା ବ୍ୟକ୍ତିଟି କିପରି ମଲା ତା'ର କାରଣ ଜଣା ପଡ଼ିଥାଏ । ତା'ପରେ ବେଜୁଣୀ କିଛି ପାଣି ନେଇ ତାକୁ ମନ୍ତ୍ର ପଢ଼ି ସମସ୍ତଙ୍କ ଉପରେ ଛିଞ୍ଚିବେ । ସେହି ପାଣିକୁ ନେଇ ଗାଁର ସମସ୍ତ ଘର ଉପରେ ଟିକିଏ ଟିକିଏ ପକାଯାଏ । ଫଳରେ ଭୂତପ୍ରେତ ଓ ସମସ୍ତ ଅଶୁଦ୍ଧି ଦୂର ହୋଇଯାଏ । ଓଡ଼ିଶାର ପ୍ରାୟ ସମସ୍ତ ଜନଜାତିରେ ମୃତ୍ୟୁ ଓ ତା'ର ପରବର୍ତ୍ତୀ କ୍ରିୟାକର୍ମ ଓ ପରଜନ୍ମ ଉପରେ ଗଭୀର ବିଶ୍ୱାସ ରହିଛି । ଏଥିପାଇଁ ବହୁ ପରଂପରା ପାଳନ କରି ଆସୁଛି । ■

୬୬- ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା -୭୬୫୦୦୧
ମୋ : ୯୪୩୭୯୦୯୬୭୧

ମୃତ୍ୟୁ ଇଚ୍ଛା।

# କାରଣ ଓ ନିରାକରଣ

ମନୁଷ୍ୟ ଯେତେବେଳେ ହତାଶାର ଶିକାର ହୋଇଯାଏ, ମନ ବିସାଦଗ୍ରସ୍ତ ହୋଇଥାଏ। ସେହି ସମୟରେ ମନ ଭିତରେ ମୃତ୍ୟୁର ଭାବନା ଆସିଥାଏ। ଆମର ପାରିପାର୍ଶ୍ୱିକ ପରିବେଶ, ପରିସ୍ଥିତି, ଜୀବନର ଘଟଣା ଓ ଦୁର୍ଘଟଣା, ମନ ଭିତରେ ଉତ୍‌ଫୁଲ୍ଲତା ନ ଆସିବା, ସବୁବେଳେ ମନସ୍ତାପ, କ୍ଲାନ୍ତ, ଶ୍ରାନ୍ତ ଓ ଚିନ୍ତିତ ରହିବା ଦ୍ୱାରା ବ୍ୟକ୍ତିର ଜୀବନ ପ୍ରତି ବିତୃଷ୍ଣା ଭାବ ଆସିଥାଏ। ମନୁଷ୍ୟକୁ ଲାଗେ ଜୀବନର ଅର୍ଥ କେବଳ ଦୁଃଖ ଏବଂ ନିରାଶା। ଏହି ସମୟରେ ମୃତ୍ୟୁ ହିଁ ଏକମାତ୍ର ବିକଳ୍ପ ବୋଲି ମନକୁ ଭାବନା ଆସିଥାଏ। ଏଣୁ ମୃତ୍ୟୁର କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ହତାଶା ଏବଂ ବିଷର୍ଣ୍ଣତା ହିଁ ଏହା ମଧ୍ୟରୁ ଅନ୍ୟତମ। ଏହା ଛଡ଼ା ଗବେଷଣାରୁ ଜଣାଯାଇଛି ଯେ, ଅନେକ ବ୍ୟକ୍ତି ଯେଉଁମାନେ ଏକୁଟିଆ ରହୁଛନ୍ତି, ସାମାଜିକ ବ୍ୟବସ୍ଥାଠାରୁ ନିଜକୁ ଅଲଗା ରଖୁଛନ୍ତି, ବନ୍ଧୁବାନ୍ଧବ, ସାଙ୍ଗସାଥୀ ବା ପରିବାର ପରିଜନଙ୍କଠାରୁ ଦୂରେଇ ରହୁଛନ୍ତି ସେମାନଙ୍କ ମାନସିକ ଅବସ୍ଥା ଦୁର୍ବଳ ଥାଏ ଏବଂ ନିଃସଙ୍ଗ ହେବା ଯୋଗୁଁ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇ ମନ ବିଷାଦଗ୍ରସ୍ତ ହୋଇଥାଏ। ସେମାନେ ମୃତ୍ୟୁବରଣ କରିବାକୁ ଚିନ୍ତା କରିଥାନ୍ତି। ଏହାଛଡ଼ା ପରିବାର ପରିଜନ, ସାଙ୍ଗସାଥି, ପ୍ରେମିକ-ପ୍ରେମିକାଙ୍କ ପାଖରେ ହେୟ ମନେ କରିବା କିମ୍ବା ସେମାନଙ୍କ ଦ୍ୱାରା ପ୍ରତାରିତ ହେବା ଯୋଗୁଁ ମନୁଷ୍ୟ ମୃତ୍ୟୁ ବିଷୟରେ ଚିନ୍ତା କରିଥାଏ। ଅନେକ ସମୟରେ ବୈବାହିକ ସମ୍ପର୍କରେ ତିକ୍ତତା, ଅବୈଧ ସମ୍ପର୍କ, ଶ୍ୱଶୁରଘର ଲୋକଙ୍କ ଦ୍ୱାରା ପ୍ରତାରିତ ଓ ନିର୍ଯାତିତ ହେବା ଦ୍ୱାରା କିମ୍ବା ବିବାହ ବିଚ୍ଛେଦ, ସନ୍ତାନହୀନତା ଇତ୍ୟାଦି ଅନେକଗୁଡ଼ିଏ କାରଣ ମୃତ୍ୟୁକୁ ଆମନ୍ତ୍ରିତ କରିଥାଏ। ବର୍ତ୍ତମାନ ପରିସ୍ଥିତିରେ ଯୁବପିଢ଼ି ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ଯୋଗୁଁ ବାସ୍ତବ ଜୀବନଠାରୁ ଦୂରେଇ ଏକ ଅବାସ୍ତବ ଜୀବନ ଶୈଳୀର କଳ୍ପନା କରିବା ଫଳରେ ହତାଶାର ଶିକାର ହେଉଛନ୍ତି। ନିଜର ଆତ୍ମପ୍ରତ୍ୟୟ ବଜାୟ ନରଖିପାରିବାରୁ ନିଜ ଉପରୁ ଆତ୍ମବିଶ୍ୱାସ ହରାଇ ମୃତ୍ୟୁକୁ ଆଲିଙ୍ଗନ କରୁଛନ୍ତି। ନିରାଶବୋଧ, ହତାଶବୋଧ ଏବଂ ମୂଲ୍ୟହୀନବୋଧ ପରି ଚିନ୍ତାଧାରାଗୁଡ଼ିକ ସେମାନଙ୍କୁ ମୃତ୍ୟୁବରଣ କରିବାକୁ ପ୍ରବର୍ତ୍ତାଇ ଥାଏ। ବର୍ତ୍ତମାନ ପରିସ୍ଥିତିରେ ସାମାଜିକ ଓ ପାରିବାରିକ ପରିବେଶରେ ଅନେକ ପରିବର୍ତ୍ତନ ଘଟୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ଉପରେ ଏହାର ଚାପ ରହିଛି। ଜୀବନର ସଂଘର୍ଷ ଓ ସମସ୍ୟାକୁ ଠିକ୍ ଭାବରେ ସମାଧାନ କରି ନ ପାରିଲେ ବ୍ୟର୍ଥତା ଓ ବିଫଳତା ଦେଖାଦେଇଥାଏ। ଯାହାକି ଜୀବନକୁ ଦୁର୍ବିସହ କରିଥାଏ। ସିଗ୍‌ମଣ୍ଡ ଫ୍ରଏଡ୍ ତାଙ୍କର "ସିଭିଲାଇଜେସନ୍ ଆଣ୍ଡ ଡିସ୍‌କଣ୍ଟେଣ୍ଟ" ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, ଆଧୁନିକ ସଭ୍ୟତା ଓ ସଂସ୍କୃତିର ଚାପ ବ୍ୟକ୍ତି ମନରେ ଅଧିକ ହତାଶା ଭାବ ସୃଷ୍ଟି କରିଥାଏ। ଏହାଛଡ଼ା ଗବେଷକଙ୍କ ମତାନୁସାରେ ବ୍ୟକ୍ତିର ସାମର୍ଥ୍ୟ ଏବଂ ଆକାଂକ୍ଷାର ସ୍ତର ମଧ୍ୟରେ ଅଧିକ ଅନ୍ତର ରହିଲେ, ମନୁଷ୍ୟ ଜୀବନକୁ ଉପଭୋଗ କରିପାରିନଥାଏ। ମୃତ୍ୟୁ ଶ୍ରେୟସ୍କର ବୋଲି ଭାବିଥାଏ। ଉଦାହରଣ ସ୍ୱରୂପ ବର୍ତ୍ତମାନ ପରିସ୍ଥିତିରେ ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ମୃତ୍ୟୁବରଣ କରୁଛନ୍ତି। ଅନେକ ସମୟରେ ଟିବି, କର୍କଟ, ଏଡ୍‌ସ ଓ କୁଷ୍ଠ ପ୍ରଭୃତି ଗୁରୁତର ରୋଗରେ ବହୁ ଦିନ ଧରି ପଡ଼ି ରୋଗୀ କଷ୍ଟ ପାଉଥିଲେ ଏବଂ ଆରୋଗ୍ୟ ହେବାର ଆଶା କ୍ଷୀଣ ଥିଲେ ମନୁଷ୍ୟ ମୃତ୍ୟୁବରଣ କରିବାକୁ ଚାହିଁଥାଏ। ଏଣୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ଆମେ ବିଭିନ୍ନ ସମସ୍ୟା ଦେଖିଥାଉ ଓ ଏହାକୁ ସଠିକ୍ ଭାବରେ ଗ୍ରହଣ କରି ଏହାର ସମାଧାନ କରିପାରିଲେ, ଜୀବନକୁ ଅଧିକ ମୂଲ୍ୟବାନ କରିପାରିଥାଉ। ଏଥିପାଇଁ ମନୋବୈଜ୍ଞାନିମାନଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି, ବୟସ୍କ, ବୃଦ୍ଧ, ତଥା ରୋଗୀମାନଙ୍କୁ ଦୂରଦର୍ଶନ, ମୋବାଇଲ୍ ବା ସିଧାସଳଖ ସମସ୍ୟାର ସମାଧାନ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ସେମାନଙ୍କର ମନୋବଳ ବଢ଼ାଇବା ସହ ସେମାନଙ୍କୁ ଧୈର୍ଯ୍ୟ ଓ ସହାନୁଭୂତି ଦେଖାଇ ଆଶାର ସଂଚାର କରିବା ବିଧେୟ। ଏହାଛଡ଼ା ବିଭିନ୍ନ ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ କାଉନସେଲିଂର ବ୍ୟବସ୍ଥା କରିବା ଦ୍ୱାରା ସେମାନେ ଉପକୃତ ହୋଇପାରିବେ। ମନୋବିଜ୍ଞାନୀ, ମନୋଚିକିତ୍ସକ, ସମାଜସେବୀ, ସାମାଜିକ ବିଶେଷଜ୍ଞମାନେ ବ୍ୟକ୍ତିବିଶେଷଙ୍କ ସୁବିଧା ପାଇଁ ସହାୟତା ପ୍ରଦାନ କଲେ, ଆମ ସମାଜରେ ମାନସିକ ଦୁଶ୍ଚିନ୍ତା କମିଯିବ ଏବଂ ଜୀବନକୁ ସଠିକ୍ ରାସ୍ତାରେ ନେବା ପାଇଁ ଏକ ଦିଗ୍‌ଦର୍ଶନ ମିଳିପାରିବ। ଜରୁରିକାଳୀନ ସେବା ତଥା ସମାଜର ବିଭିନ୍ନ ଅନାବଶ୍ୟକ ଓ କ୍ଷତିକାରକ ପ୍ରଥାଗୁଡ଼ିକ ପରିବର୍ତ୍ତନ ଆସିଲେ, ଆମର ଜୀବନଚର୍ଯ୍ୟାରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇପାରିବ। ଏହାସହ ମାନସିକ ଚାପ ଓ ଦୁଶ୍ଚିନ୍ତାକୁ କମ୍ କରିବାରେ ଏହା ସହାୟକ ହୋଇପାରିବ। ମୃତ୍ୟୁ ଅନିବାର୍ଯ୍ୟ; କିନ୍ତୁ ସମୟ ପୂର୍ବରୁ ମୃତ୍ୟୁର କାମନା କରିବା ଅନୁଚିତ। ଜୀବନର ପ୍ରତ୍ୟକଟି କ୍ଷଣକୁ ମୂଲ୍ୟବାନ ଭାବି ଖୁସିରେ ଜୀବନ କଟାଇବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ଏବଂ ଧର୍ମ ହେବା ଉଚିତ। ■





ଡକ୍ଟର ଜୟଶ୍ରୀ ମିଶ୍ର

**ବିଭାଗୀୟ ମୁଖ୍ୟ, ମନସ୍ତତ୍ତ୍ୱ ବିଭାଗ**
**ଫକୀରମୋହନ ସ୍ୱୟଂଶାସିତ**
**ମହାବିଦ୍ୟାଳୟ,**
**ବାଲେଶ୍ୱର**



# ବଲିଉଡ୍ ତାରକାଙ୍କ ଭୂତ ଭୟ

ରିଲ୍ ଲାଇଫ୍‌ରେ ଭୂତକୁ ସାମ୍ନା କରିଥିବା କଳାକାର ମଧ୍ୟ ରିୟଲ୍ ଲାଇଫ୍‌ରେ ଭୂତ ସହ ପରିଚିତ ଅଛନ୍ତି। କିଛି ତାରକା ବାସ୍ତବ ଜୀବନରେ ଭୂତ ଥିବା ଭୟଙ୍କର ଘଟଣାକୁ ଅନୁଭବ କରିଥିବା ସ୍ୱୀକାର କରିଛନ୍ତି।

ବାସ୍ତବ ଜୀବନରେ ଭୂତ ଥିବା ଅନୁଭବ କରିଛନ୍ତି ଅଭିନେତା ରଣବୀର ସିଂହ। 'ବାଜିରାଓ' ସୁଟିଂ ସମୟରେ ସେ ବାଜିରଓ ଆତ୍ମାକୁ ଦେଖିଥିବା କହିଛନ୍ତି। ତାଙ୍କୁ ଏକ କଳା କାନ୍ଥରେ ଧୂଳି ଜମିଥିବା ବାଜିରାଓ ଆକୃତି ଦେଖିବାକୁ ମିଳିଥିଲା। ଯାହାକୁ ଦେଖି ସେ ଖୁବ୍ ଭୟଭୀତ ହୋଇଥିଲେ।

ସେହିପରି ଆତ୍ମା ସହ ଅଭିନେତ୍ରୀ କୃତି ସାନନ ମଧ୍ୟ ପରିଚିତ ଅଛନ୍ତି। 'ଦିଲୱାଲେ' ଫିଲ୍ମ ସୁଟିଂ ସମୟରେ ମେକ୍‌ଅପ୍ ଆର୍ଟିଷ୍ଟ ତାଙ୍କୁ ସଜ କରୁଥିବା ବେଳେ ଅଚାନକ ଗୋଟିଏ ଲୋସନ୍ ବୋତଲ ଆପେ ଆପେ ତଳେ ପଡ଼ିଯାଇଥିଲା। କିନ୍ତୁ ବୋତଲକୁ ଉଠାଇ ପୁଣି ରଖିବା ପରେ ତାହା ଆଉ ଥରେ ପଡ଼ିଥିଲା। ଏହି ଘଟଣା ତାଙ୍କୁ ଖୁବ୍ ଭୟଭୀତ କରିଥିଲା। ସେହିପରି ଅଭିନେତା ରାଜକୁମାର ରାଓ ଫିଲ୍ମ 'ସ୍ତ୍ରୀ'ର ସୁଟିଂ ପାଇଁ ମଧ୍ୟପ୍ରଦେଶ ଚନ୍ଦେରିକୁ ଯାଇଥିଲେ। ସେଠାରେ ପରଫ୍ୟୁମ୍ ଲଗାଇବାକୁ ମନା କରାଯିବା ସହ ଝିଅଙ୍କୁ କେଶ ଖୋଲା ନ ରଖିବା ଏବଂ ଏକାକୀ ବାହାରକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ରାତି ୨/୩ଟାରେ ସୁଟିଂ କରିବା ବେଳେ ଲାଇଟ୍ ବଏ ୨୦ ଫୁଟ୍ ଉଚ୍ଚରେ ବସିଥିଲେ। ଅଚାନକ ସେ ତଳେ ପଡ଼ିଗଲେ। କିନ୍ତୁ କିଏ ତାଙ୍କୁ ଧକ୍କା ଦେଇ ତଳେ ପକାଇ ଥିଲା, ସେ ରହସ୍ୟରୁ ପରଦା ଉଠି ନାହିଁ।

ଅନ୍ୟପଟେ ବରୁଣ ଧାୱନ 'ଏବିସିଡି-୨' ସିନେମାର ସୁଟିଂ ପାଇଁ ଲସ୍ ଭେଗାସ୍ ଯାଇଥିଲେ। ସେଠାରେ ବରୁଣ ରହିଥିବା ହୋଟେଲରେ ଜଣେ ଗାୟିକାଙ୍କ ମୃତ୍ୟୁ ହୋଇଥିଲା। ଏହି ହୋଟଲରେ ରାତିରେ ଗୀତ ଗାଇବା ଶୁଣାଯିବା ସହ ବେଳେ ବେଳେ କବାଟ ମନକୁ ଖୋଲିବା ସେ ଅନୁଭବ କରିଥିବା କହିଛନ୍ତି। ଅଭିନେତା ଗୋବିନ୍ଦା ଗୋଟିଏ ଫିଲ୍ମ ସୁଟିଂ ପାଇଁ ଏକ ହିଲ୍ ଷ୍ଟେସନ୍‌ରେ ଥିଲେ। ତାଙ୍କୁ ଲାଗିଥିଲା ସେଠାରେ କେହି ମହିଳା ଜଣେ ବସିଛନ୍ତି। ତାଙ୍କୁ ଦେଖିବା ପାଇଁ ଲାଇଟ୍ ଲଗାଇବାରୁ ମହିଳା ଜଣକ ଉଭାନ୍ ହୋଇଯାଇଥିଲେ। ସେହିପରି ବିପାଶା ବସୁ, ତାପସୀ, ଇମରାନ ହାସମି, ଗୁରମିତ୍ ପ୍ରମୁଖ କଳାକାର ବାସ୍ତବ ଜୀବନରେ ଭୂତ ଥିବା ଘଟଣାକୁ ଅଙ୍ଗେ ନିଭାଇ ଥିବା କହନ୍ତି। ■

## ମୃତ୍ୟୁ ଚେତନା


# ଶାରୀରିକ ଓ ମାନସିକ ଲକ୍ଷଣ

ମୃତ୍ୟୁ ପୂର୍ବର ସଂକେତ ଓ ଲକ୍ଷଣ ନେଇ ଅନେକ କଥା ଶାସ୍ତ୍ର ପୁରାଣରେ ଉଲ୍ଲେଖ ରହିଛି । ବୟସ୍କ ଲୋକମାନେ ସେମାନଙ୍କ କିଛି ଶୁଣା ଅନୁଭୂତି କଥା ସବୁ ପୁରାତନ କାହାଣୀ ପରି ଆମ ଆଗରେ ବଖାଣିଥାନ୍ତି । ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଜୀବନଚକ୍ରରେ ମୃତ୍ୟୁ କ'ଣ? କାହିଁକି ମଣିଷ ଈପ୍‌ସିତ ଜୀବନକୁ ଉପଭୋଗ କରିବାର ଅଭିଳାଷ ରଖିଥିବାବେଳେ ସଂସାରରେ ତା' ପରିବାର, ତା' ଜୀବନ, ତା' ସମୟ ସବୁକିଛିକୁ ଛାଡ଼ି ମୃତ୍ୟୁକୁ ଆଲିଙ୍ଗନ କରିଥାଏ । ତେବେ ମୃତ୍ୟୁ ପୂର୍ବରୁ ମାନସିକ ସ୍ତରରେ ଅନେକ ସଂକେତ ମିଳିଥାଏ ଏବଂ ଶାରୀରିକ ସୂଚନା ମଧ୍ୟ ଜଣାପଡ଼ିଥାଏ । ତେବେ ଜଣେ ମାନସିକ ରୋଗ ଚିକିତ୍ସକ ହିସାବରେ ଏବଂ ସର୍ବୋପରି ମନସ୍ତାତ୍ତ୍ୱିକ ଚିକିତ୍ସକ ହିସାବରେ ମୁଁ ପ୍ରତିଦିନ ସାମ୍ନା କରୁଥିବା ମାନସିକ ଅସୁସ୍ଥମାନଙ୍କ ଭିତରେ ଲକ୍ଷ୍ୟ ରଖିଥାଏ, ସେମାନେ ଜୀବନ ଜିଇଁବାକୁ ଚାହାଁନ୍ତି ।



ଡାକ୍ତର ସମ୍ରାଟ କର





### ମୃତ୍ୟୁ ପୂର୍ବର ସଂକେତ

ମୃତ୍ୟୁ ଓ ମୃତ୍ୟୁ ପରେ ଜୀବନ ଏପରି ଏକ ଚିନ୍ତନ ଭିତରେ ମୋର ମନେପଡୁଛି ଜନୈକ ପ୍ରେତାତ୍ମା ସାଧକ ପ୍ରଣବାନନ୍ଦ ତ୍ରିପାଠୀ ଏକ ବହୁ ଚର୍ଚ୍ଚିତ ପୁସ୍ତକ ଲେଖିଥିଲେ ଯାହାର ନାମ ହେଉଛି 'ମୃତ୍ୟୁ ପରେ ଜୀବନ'। ତେବେ ମୃତ୍ୟୁ ପରେ ଜୀବନ ତ ଅଲଗା ପ୍ରସଙ୍ଗ, ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ମଣିଷକୁ ମାନସିକ ଭାବେ ଅନେକ ସଂକେତ ମିଳିଥାଏ। ସାଧାରଣତଃ ମୃତ୍ୟୁ ହେଉଛି ଦୁଇ ପ୍ରକାରର। ଗୋଟିଏ ସ୍ୱାଭାବିକ ମୃତ୍ୟୁ ଆଉ ଗୋଟିଏ ଅସ୍ୱାଭାବିକ ମୃତ୍ୟୁ। ତେବେ ସ୍ୱାଭାବିକ ମୃତ୍ୟୁ ହେଉଥିବା ମଣିଷମାନଙ୍କ ଲକ୍ଷଣ ଅସ୍ୱାଭାବିକ ମୃତ୍ୟୁଠାରୁ ଅଲଗା ହୋଇଥାଏ। ଜଣେ ମାନସିକ ଭାବେ ଅସ୍ୱାଭାବିକ ଜୀବନ ନିର୍ବାହ କରିବା, କ୍ଷଣଭଙ୍ଗୁର ଜୀବନ ଭିତରେ ତା'ର ଜୀବନଚର୍ଯ୍ୟା ବିଚଳିତ ହୋଇପଡ଼ିଥାଏ। ଖାଇବା, ପିଇବାଠାରୁ ବିଶ୍ରାମ ନେବା, କଥାବାର୍ତ୍ତା, ଆଚରଣ, ବ୍ୟବହାର ସବୁକିଛି ଅଲଗା ହୋଇଥାଏ। ନିରବଚ୍ଛିନ୍ନ ଭାବେ ନିଜକୁ ଏକଲାପଣ ଭିତରେ ବୁଡ଼ାଇ ରଖିବା, ଘଣ୍ଟା ଘଣ୍ଟା ଧରି ନିବୁଜ କୋଠରି ହେଉ ବା ନିରୋଳା ଜାଗାରେ ନିଜକୁ ସଂକୁଚିତ କରିବାର ପ୍ରୟାସ କରିବା ହେଉଛି ଏକ ପ୍ରକାର ସଂକେତ। କେତେକ ଆଚରଣରେ ଅସ୍ୱାଭାବିକତା ପ୍ରଦର୍ଶନ କରିଥାନ୍ତି। ସେମାନଙ୍କୁ ଖାଦ୍ୟ ଅରୁଚିକର ହୋଇଥାଏ। ସଠିକ୍ ଭାବେ ନିଦ ହୋଇନଥାଏ, ନିଦ ଭିତରେ ବିଚିତ୍ର ଦୁଃସ୍ୱପ୍ନ ଦେଖିଥାନ୍ତି। ସତେଯେପରି ଚାରିଆଡ଼େ ତାଙ୍କୁ ହତାଶ, ନୈରାଶ୍ୟ, ଅବସାଦ ଓ ଚିଡ଼ଚିଡ଼ାପଣ ସବୁ ଆବୁରି ପଡ଼ିଥାଏ।

### ଶାରୀରିକ ସୂଚନା

ମୃତ୍ୟୁ ପୂର୍ବରୁ ଶାରୀରିକ ସୂଚନା ମଧ୍ୟ ବେଶ୍ ସ୍ପଷ୍ଟ ଭାବେ ମିଳିଥାଏ। ଜଣେ ନିଶାଡ଼ି ହୋଇଥିଲେ ତ ଅଲଗା କଥା, କିନ୍ତୁ ସ୍ୱାଭାବିକ ଲୋକଟିଏ ହୋଇଥିଲେ ମୃତ୍ୟୁ ପୂର୍ବରୁ ସେ ଘଣ୍ଟା ଘଣ୍ଟା ଧରି ଅବସାଦଗ୍ରସ୍ତ ଭାବେ ଶୋଇ ରହିବାକୁ ଇଚ୍ଛା କରିଥାଏ। ମଧୁର ଜୀବନ ଭିତରେ ଯେପରି ସବୁକିଛି ପିତା ହୋଇଯାଇଛି। ସେ ତାହାକୁ ଅନୁଭବ କରେ। ଯେତେ ସୁସ୍ୱାଦୁ ଖାଦ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଅରୁଚିକର ଲାଗିଥାଏ ଏବଂ ଚିନ୍ତାଗ୍ରସ୍ତ ଭାବେ ସେ ଏକ ଭିନ୍ନ ଦୁନିଆର ଲୋକଭାବେ ନିଜକୁ ଭାବନ୍ତି। କାର୍ଯ୍ୟ କରିବାର ସ୍ପୃହା ତାଙ୍କ ଭିତରେ ଆଦୌ ନଥାଏ। କେତେକଙ୍କ କ୍ଷେତ୍ରରେ ବିଚଳିତଭାବ ସେମାନଙ୍କୁ ଶୋଇ ଦେଇନଥାଏ। ଆଉ କେତେକଙ୍କ କ୍ଷେତ୍ରରେ ସେମାନେ ମନ ଭିତରର କଥା କେବଳ ନିଜ ଲୋକ ନୁହେଁ କାହାରିବାକୁ ବି କହିନପାରି କେବଳ ନିରବରେ କାନ୍ଦିବାକୁ ଭଲ ପାଆନ୍ତି। ଆଉ କେତେକ ଧୈର୍ଯ୍ୟଚ୍ୟୁତ ଅସ୍ୱାଭାବିକତା ଅଚାରଣ ଦେଖାଇ ହସିଥାନ୍ତି କିନ୍ତୁ ହଠାତ୍ ଚୁପ୍ ହୋଇଯାନ୍ତି।

### ମୃତ୍ୟୁ ଚିନ୍ତାରୁ ମୁକୁଳିବାର ଉପାୟ

ମୃତ୍ୟୁ ଚିନ୍ତାରୁ ମୁକୁଳିବାର ଉପାୟଟି କ'ଣ? ବର୍ତ୍ତମାନର ସମୟରେ ମୃତ୍ୟୁ ଚିନ୍ତାକୁ ମିକୁଳିବାର ଉପାୟକୁ ସାଧିଥିବା ଚରିତ୍ରମାନଙ୍କୁ ଶ୍ରେଷ୍ଠ ଜୀବନର ଅମୃତ ମଣିଷ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଥମ ଆଲୋଚନାଟି ହେଉଛି କାହିଁକି ଜୀବନ ହାରିବା? ଖାଇବା, ପିଇବା, ନିଦ୍ରାଯିବା ଏବଂ ଚବିଶ ଘଣ୍ଟାର ଏକ ଜୀବନ ଚକ୍ରକୁ ଧରି ଆମେ ବେଶ୍ ହସଖୁସିର ସଂସାର ବିତାଉଥିବାବେଳେ କାହିଁକି ନୈରାଶ୍ୟ ଜର୍ଜରିତ ହୋଇ ଜୀବନ ଛାଡ଼ିବା ପାଇଁ ଚିନ୍ତା କରିବା? ଜୀବନର ଅନ୍ୟ ନାମ ଆହ୍ୱାନ। ଜୀବନ ଅଛି ତ ଦିନେ ନା ଦିନେ ମୃତ୍ୟୁ ହିଁ ଆସିବ। ଯଦି ପୁରାଣ କାହାଣୀର ଯୁଗକୁ ଯିବା ସ୍ୱୟଂ ଅବତାରୀ ପୁରୁଷମାନଙ୍କର ଦିନେ ନା ଦିନେ ଜୀବନଚକ୍ର ଶେଷ ହୋଇଛି। ତେବେ ଥରେ ଚିନ୍ତା କରନ୍ତୁ, ଯେଉଁମାନେ ମୋ ଉପରେ ନିର୍ଭରଶୀଳ ସେମାନଙ୍କୁ ମୁଁ ଅକାଳରେ ଅସମୟରେ ହାତ ଛାଡ଼ିଦେଲା ପରେ ସେମାନେ କିପରି ଏତେବଡ଼ ଦୁନିଆରେ ଜିଇଁବେ କିପରି? ତେଣୁ ନିଜ ପାଇଁ ଭଲ ରୁଟିନଟିଏ ତିଆରି କରନ୍ତୁ। ଶୀଘ୍ର ଉଠନ୍ତୁ, ସକାଳେ ଯୋଗ ପ୍ରାଣାୟମ, ପ୍ରାତଃଭ୍ରମଣ ବା କୌଣସି ବ୍ୟାୟାମ ପାଇଁ ସମୟ କିଛି କାଢ଼ନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ, ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଫଳ ରଖନ୍ତୁ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରଖନ୍ତୁ। ନିଜ ଘର ପରିବାର ପାଇଁ ସମୟ ରଖନ୍ତୁ। ନିଜ ବୃତ୍ତିଗତ ଜୀବନରେ ସାଧୁତା, ସମୟାନୁବର୍ତ୍ତିତା, ନିଷ୍ଠାପରତାର ମୂଲ୍ୟବୋଧ ରଖନ୍ତୁ। ସବୁବେଳେ ମାନସିକ ଭାବେ ଦୃଢ଼ ହୁଅନ୍ତୁ ଯେ ମୁଁ ଜୀବନ ଯୁଦ୍ଧର ଜଣେ ମହାନାୟକ। ସର୍ବୋପରି ଈଶ୍ୱର ବିଶ୍ୱାସୀ ହୁଅନ୍ତୁ, ସକାରାତ୍ମକ ଜୀବନ ଜିଅନ୍ତୁ। ବନ୍ଧୁ, ପରିଜନ, ଆତ୍ମୀୟମାନଙ୍କ ପାଇଁ ସମୟ କାଢ଼ନ୍ତୁ, ବୁଲାବୁଲି ପାଇଁ ପରିବାରଙ୍କୁ ନେଇ କିଛି ଅଲଗା ଜାଗାକୁ ଯାଆନ୍ତୁ। ପ୍ରେମ ପ୍ରତାରଣା ହେଉ ବା ଲଟେରିରେ ହାରଜିତ୍ କାହାଙ୍କ ଅକାଳ ପରଲୋକ ହେଉ ଈପ୍‌ସିତ ଜିନିଷଟି ନପାଇଲେ ଏସବୁକୁ ଭାବନ୍ତୁ ଏ ସବୁ କ୍ଷଣଭଙ୍ଗୁର ଜୀବନର ଏକ ଛାଟିଆ ପୃଷ୍ଠା। ଜୀବନ ପୃଷ୍ଠାର ଆହୁରି ଅନେକ ଅଧ୍ୟାୟ ମୋ ପାଇଁ ରହିଛି ମୋତେ ଆଗେଇବାକୁ ପଡ଼ିବ। ପ୍ରତିଟି ମୁହୂର୍ତ୍ତରେ ମୋତେ ପରୀକ୍ଷା ଦେବାକୁ ପଡ଼ିବ ଏବଂ ମୋତେ ସେ ପରୀକ୍ଷାରେ ନିଶ୍ଚିନ୍ତ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ଏବଂ ମୁଁ ଜଣେ ଅସଫଳ ଛାତ୍ର ନୁହେଁ। ଜୀବନ ହାରିବି କାହିଁକି? କାହିଁକି ଏଥିରେ ସୁନ୍ଦର ପୃଥିବୀଟିକୁ ଛାଡ଼ିବି। ଦୃଢ଼ ଭାବେ ମାନସିକତା ରଖି ନିଜକୁ ଆଗେଇ ନିଅନ୍ତୁ। ବାକ୍ୟବୀର ହୁଅନ୍ତୁ ନାହିଁ, କର୍ମବୀର ହୁଅନ୍ତୁ ଆଉ ଗୋଟିଏ କଥା ମନେ ରଖନ୍ତୁ, ଜୀବନ ଜିଇଁବାର କଳା ପାଇଁ ମୋ ସହଯୋଗ ଓ ମୋ ପରାମର୍ଶ ବି ନେଇପାରିବେ। ମୁଁ ଆପଣଙ୍କ ସହିତ ହାତ ମିଳାଇ ଆପଣଙ୍କୁ କିଛି ଜୀବନ କଥା ବି ବଖାଇ ପାରିବି। ■

### ମୃତ୍ୟୁ ଚିନ୍ତା

ମଣିଷକୁ ଅନେକ ସମୟରେ ମୃତ୍ୟୁ ଚିନ୍ତା କାହିଁକି ଘାରିଥାଏ ? ଭଗବାନଙ୍କ ସୃଷ୍ଟିରେ ମଣିଷ ହେଉଛି ଏକ ସର୍ବଶ୍ରେଷ୍ଠ ସୃଷ୍ଟି । ମଣିଷ ପାଖରେ ଯେଉଁ ଗୁଣ ରହିଛି, ତାହା ପଶୁଙ୍କଠାରେ ନଥାଏ । ବେଶ୍ ଖୋଲା ଓ ଆନନ୍ଦମୟ ଜୀବନ ବିତାଉଥିବା ମଣିଷଟି କାହିଁକି ତା' ଦୁନିଆର ତା' ନିଜ ଲୋକ ଓ ସୁନ୍ଦର ପୃଥିବୀଟିକୁ ଛାଡ଼ିବା ପାଇଁ ଚିନ୍ତା କରିଥାଏ? କେହି କେହି ନିଜ ଘର ପରିବାରର କୌଣସି ଗଭୀର ଦୁଃଖ, ପାରିବାରିକ ଝଡ଼ ଓ ଜୀବନ ପ୍ରତି ଏକ ପ୍ରକାର ବିତୃଷ୍ଣା ମନ ଭିତରେକୁ ଆଣି ଜୀବନ ଛାଡ଼ିବା ପାଇଁ ଚିନ୍ତା କରିଥାନ୍ତି । ତେବେ ନିଜ ରୁଟିନ ବନ୍ଧା ଜୀବନ ଭିତରେ ମୃତ୍ୟୁ ଚିନ୍ତା କରିବା ହିଁ ସବୁଠାରୁ ବଡ଼ ଅସ୍ୱାଭାବିକ କଥା । ଜୀବନରେ କୌଣସି ଘଟଣାକୁ, କୌଣସି ପ୍ରସଙ୍ଗକୁ ଗ୍ରହଣ ନକରିପାରି, ମୁକାବିଲାର ସାମର୍ଥ୍ୟ ନ ରଖିପାରି ନିଜ ଲୋକମାନଙ୍କୁ ଛାଡ଼ି ଅଫେରା ରାଇଜକୁ ଫେରିଯିବା ପାଇଁ ଚିନ୍ତା କରିଥାନ୍ତି । କେହି କେହି ନିଜ ପରିଜନଙ୍କ ଅକାଳ ବିୟୋଗ, ପ୍ରେମର ବିଫଳତା, ପାରିବାରିକ ଝଡ଼, କେତେକଙ୍କ କ୍ଷେତ୍ରରେ ଆର୍ଥିକ ସଙ୍କଟ, ସ୍ତ୍ରୀ ଓ ପିଲାମାନଙ୍କଠାରୁ ଅରୁଚିକର ବ୍ୟବହାର ଆଉ କେତେକଙ୍କ କ୍ଷେତ୍ରରେ ସମ୍ଭାବ୍ୟ ଭବିଷ୍ୟତକୁ ନେଇ ନ ଚଳିପାରିବାର ମାନସିକତାକୁ ଆବୋରି ଜୀବନ ଛାଡ଼ିବା ପାଇଁ ଚିନ୍ତା କରିଥାନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ
ମୋ: ୯୧୩୭୨୪୩୩୩୩୩

# ମୃତ୍ୟୁ ପରେ ଜୀବନ





ଦେବେନ୍ଦ୍ର ସୂତାର

ମୃତ୍ୟୁ ଏକ ରହସ୍ୟ ଭାବେ ମଣିଷ ମନରେ ସବୁ ସମୟରେ ପ୍ରଭାବ ପକାଇ ଆସିଛି । ମୃତ୍ୟୁ ଭୟ ଆମ ସମସ୍ତଙ୍କର ଅଛି । କିନ୍ତୁ ଏହା ନିଶ୍ଚିତ ଯେ ସମସ୍ତଙ୍କର ମୃତ୍ୟୁ ଅନିବାର୍ଯ୍ୟ । ଆଜି ପର୍ଯ୍ୟନ୍ତ ମୃତ୍ୟୁରୁ କେହି ବର୍ତ୍ତିନାହାନ୍ତି । ସେ ଯେତେ ବଳିୟାନ ହୁଅନ୍ତୁ, ଯେତେ କ୍ଷମତାଶାଳୀ ହୁଅନ୍ତୁ, ସେ ମୃତ୍ୟୁକୁ ଭୟ କରନ୍ତୁ ବା ଭୟ ନକରି ଜିଇଁ ଥାଆନ୍ତୁ । ସମସ୍ତ ଧର୍ମୀୟ ଲୋକମାନେ ମିଶି ମୃତ୍ୟୁ ସଂପର୍କରେ ଏପରି ଭ୍ରମ ଧାରଣାକୁ ଜନ୍ମ ଦେଇଛନ୍ତି, ଯାହାର କୌଣସି ଅନ୍ତ ନାହିଁ । କେଉଁ ଧର୍ମ କହୁଛି ମଣିଷ ମଲାପରେ ମଧ୍ୟ ନିଜ କର୍ମ ଆଧାରରେ ସ୍ୱର୍ଗ କିମ୍ବା ନର୍କକୁ ଯାଇଥାଏ । କେଉଁ ଧର୍ମ ଜଣେ ମରିଗଲାପରେ ବାରମ୍ବାର ଜନ୍ମ ନେଉଥିବା ଯେ ପର୍ଯ୍ୟନ୍ତ ଭଲକର୍ମ କରି ମୁକ୍ତି ନ ପାଇଛି । କେଉଁ ଧର୍ମ କହେ କି ମୃତ୍ୟୁପରେ ତମେ କୟାମତ ପର୍ଯ୍ୟନ୍ତ କବରତଳେ ଅପେକ୍ଷା କରିଥିବ, ସେଦିନ ଈଶ୍ୱର ଆସି ତୁମକୁ ମୁକ୍ତି ଦେବେ । କେଉଁ ଧର୍ମ କହେ କି ତମ ଆତ୍ମା ୮୪ ଲକ୍ଷ ଯୋନିର ଜନ୍ମପରେ ମନୁଷ୍ୟ ଜନ୍ମ ପାଇବ । କେଉଁ ଧର୍ମ କହେ ଯେ ମୃତ୍ୟୁପରେ ମଣିଷ ଭୂତପ୍ରେତ ହୋଇ ଘୂରିବୁଲେ । ଏ ସବୁ ଭିନ୍ନ ଭିନ୍ନ ଧର୍ମର ଭିନ୍ନ ଭିନ୍ନ ବିଚାର । ଯିଏ ଯେମିତି ବୁଝିଲା ସେ ସେମିତି ବିଚାର ତିଆରି କଲା । କିନ୍ତୁ ସତ୍ୟ ସବୁ ମଣିଷ ପାଇଁ ସମାନ ହେବା କଥା !

ଆଦିମାନବ ଯେତେବେଳେ କୌଣସି ମୃତକକୁ ଦେଖୁଥିଲା, ସେ ଭାବୁଥିଲା ଯେ ଏହାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତ ଠିକ୍ ଅଛି ତେବେ ସେ ହଲଚଲ ହେଉନାହିଁ କାହିଁକି ? ତା' ମନରେ ଗୋଟିଏ ବିଚାର ସୃଷ୍ଟି ହେଲା ଯେ ଏ ଶରୀରରୁ ଏକ ସୂକ୍ଷ୍ମ ତତ୍ତ୍ୱ ବାହାରି ଯାଇଛି । ଯେଉଁଥିପାଇଁ ସେ କୌଣସି କ୍ରିୟା କରିପାରୁନାହିଁ । ତା' ବିଚାର ଅନୁସାରେ ସେ ସୂକ୍ଷ୍ମ ତତ୍ତ୍ୱ ହିଁ ହେଉଛି ଆତ୍ମା । ଯାହା ଆଜି ବି ଆମେ ବିଶ୍ୱାସ କରୁଛେ ଯେ ପ୍ରତ୍ୟେକ ଶରୀରରେ ଏକ ଆତ୍ମା ଅବସ୍ଥାନ କରୁଛି । ଯାହା ଜଣକୁ ବଞ୍ଚାଇ ରଖୁଛି । ଏହାର ବାସସ୍ଥାନ ହିଁ ଆମ ଶରୀର । ଏହି ଆତ୍ମା ହିଁ ଜୀବନ ।

ଅଧିକାଂଶ ଧର୍ମର ବିଶ୍ୱାସ ହେଉଛି ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଆତ୍ମା ରହିଛି ଏବଂ ମୃତ୍ୟୁପରେ ବ୍ୟକ୍ତିର ଆତ୍ମା ଅଶରୀର ସ୍ଥିତିରେ ରହେ । ଇସଲାମ୍, ଜୁଡାଇଜିମ୍, ଖ୍ରୀଷ୍ଟଧର୍ମ ଇତ୍ୟାଦି ପାଶ୍ଚାତ୍ୟ ଭୂଖଣ୍ଡର ଧର୍ମମାନଙ୍କର ବିଶ୍ୱାସ ଅନୁଯାୟୀ କେବଳ ମଣିଷର ଆତ୍ମା ରହିଛି । ଇତର ପ୍ରାଣୀଙ୍କର ଆତ୍ମା ନାହିଁ । ଅପରପକ୍ଷରେ ହିନ୍ଦୁ ଧର୍ମ, ଜୈନ ଧର୍ମମାନଙ୍କର ବିଶ୍ୱାସ ଅନୁଯାୟୀ ଜୀବନ ଥିବା ପ୍ରତ୍ୟେକ ପ୍ରାଣୀର ଏକ ଆତ୍ମା ରହିଛି । ଧର୍ମମାନଙ୍କର ବିଶ୍ୱାସ ଅନୁଯାୟୀ, ମଣିଷ ହେଉଛି ଦୁଇଟି ପୃଥକ ସତ୍ତାର ସଂଯୋଗ, ଯଥା- ଶରୀର ଓ ଆତ୍ମା । ଖ୍ରୀଷ୍ଟଧର୍ମ, ଇସ୍‌ଲାମ ଧର୍ମ, ଜୁଡାଇଜିମ୍‌ରେ ପୁନର୍ଜନ୍ମର ଭାବନା ନାହିଁ । ମଣିଷ ଥରଟିଏ ଜନ୍ମଗ୍ରହଣ କରେ । ମୃତ୍ୟୁପରେ ବ୍ୟକ୍ତିର ଆତ୍ମା ରହେ ଓ ଈଶ୍ୱର ତାହାର ଭଲମନ୍ଦ ମୂଲ୍ୟାୟନ କରି ଆତ୍ମାକୁ ସ୍ୱର୍ଗ ଓ ନର୍କକୁ ପଠାନ୍ତି । ଭଲ ଆତ୍ମା ସବୁଦିନ ସ୍ୱର୍ଗରେ ରହିବ ଓ ମନ୍ଦ ଆତ୍ମା ସବୁଦିନ ପାଇଁ ନର୍କରେ ରହିବ । ଏହା ହିଁ ଈଶ୍ୱରୀୟ ନିୟମ । ହିନ୍ଦୁଧର୍ମ, ଜୈନଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ଭାରତ ଭୂଖଣ୍ଡର ଧର୍ମମାନଙ୍କର ବିଶ୍ୱାସ ଅନୁଯାୟୀ ପୁନର୍ଜନ୍ମ ରହିଛି । ଜନ୍ମପରେ ମୃତ୍ୟୁ, ମୃତ୍ୟୁ ପରେ ଜନ୍ମ ଏହା ଚକ୍ର ଭଳି ଘୂରୁଥାଏ । ମୋକ୍ଷ ବା ନିର୍ବାଣ ନ ପାଇବା ପର୍ଯ୍ୟନ୍ତ ଜନ୍ମମୃତ୍ୟୁ ଚକ୍ରରେ ଆତ୍ମା ଘୂରି ବୁଲୁଥାଏ ।

ତେବେ ପ୍ରଶ୍ନ ଉଠେ, ମଣିଷର କୌଣସି ଆତ୍ମା ଅଛି କି ? ମୃତ୍ୟୁ ପରେ ଜୀବନର ଅସ୍ତିତ୍ୱ ଅଛି କି? ଯେଉଁ ଆତ୍ମା ପାଇଁ ସାଧାରଣ ଲୋକଟି ଜୀବନର ସବୁ ସଞ୍ଚିତ ସମ୍ବଳ ଲୁଟାଇଥାଏ । ଲୋଭ ଦେଖାଯାଏ, ଦାନ ଦକ୍ଷିଣା ଦେଲେ ମୃତ ବ୍ୟକ୍ତିଙ୍କ ଆତ୍ମାକୁ ସ୍ୱର୍ଗରେ ସ୍ଥାନ ପ୍ରାପ୍ତି ହେବ । ଅପସରାମାନେ ସେବା କରିବେ । ଦାନ ଦକ୍ଷିଣା ନ ଦେଲେ ନର୍କକୁ ଯିବ । ସ୍ୱର୍ଗ ଓ ନର୍କ କେଉଁଠି ପ୍ରଶ୍ନ ପଚାରିବା ସାହସ ବିଚରା ସାଧାରଣ ମଣିଷଟି ଜୁଟାଇ ପାରେନାହିଁ । ଏହି ଆତ୍ମା ପରିକଳ୍ପନା ଧାର୍ମିକ ଶୋଷଣର ଜନ୍ମଦାତ୍ରୀ । ଆତ୍ମା ନଥିଲେ ବିଭିନ୍ନ ଧର୍ମର କର୍ମକାଣ୍ଡ ପଦ୍ଧତି ରହିବ ନାହିଁ । କର୍ମକାଣ୍ଡ ପଦ୍ଧତି ନଥିଲେ ଧର୍ମ ନାମରେ ଶୋଷଣ ମଧ୍ୟ ରହିବ ନାହିଁ ।

ଜୀବନ କ'ଣ ଶରୀରର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍ତର୍ନିହିତ ଥାଏ କି? ଶରୀର ପ୍ରତ୍ୟେକ ଜୀବନ୍ତ କୋଷ ମଧ୍ୟରେ ଜୀବନ ଥାଏ । ଏହି ଜୀବନ୍ତ କୋଷଗୁଡ଼ିକରେ ଘଟୁଥିବା ଅମ୍ଳଜାନ ମିଶ୍ରିତ ରାସାୟନିକ କ୍ରିୟା ବଳରେ ଏମାନେ ଜୀବନ୍ତ ଥାଆନ୍ତି । ଆମ ଶ୍ୱାସକ୍ରିୟା ଓ ରକ୍ତ ସଂଚାଳନ ଫଳରେ ଏହି ରାସାୟନିକ କ୍ରିୟା ଚାଲିଛି । ମହମବତିଟିଏ ଜଳିଲାବେଳେ ଅନ୍ତର୍ନିହିତ ଅଙ୍ଗାର ଓ ଜଳକଣାର ଦହନ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଥିବା ଉତ୍ତାପ ଓ ଆଲୋକ ମଣିଷ ଶରୀରରେ ଘଟୁଥିବା କ୍ରିୟା ଦ୍ୱାରା ସୃଷ୍ଟି ଉତ୍ତାପ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଜଳନ୍ତା ମହମବତିଟିକୁ ଲିଭାଇ ଦେଲେ ଉତ୍ତାପ ଓ ଆଲୋକ ଏହାଠାରୁ ଅଲଗା ହୋଇ ଯାଆନ୍ତି ନାହିଁ ଏବଂ ପୁଣି ଏହାକୁ ଜାଳିଲେ ଉତ୍ତାପ ଓ ଆଲୋକ ପୁଣି ଫେରିଆସେ ନାହିଁ । ରାସାୟନିକ କ୍ରିୟା ବନ୍ଦ ହେତୁ ଶକ୍ତି ଉତ୍ପାଦନ ବନ୍ଦ ହୋଇ ଯାଉଥିବାରୁ ହିଁ ଏହା ଘଟିଥାଏ । ଠିକ୍ ସେହିପରି ଶ୍ୱାସକ୍ରିୟା ଏବଂ ରକ୍ତ ସଂଚାଳନ ବନ୍ଦ ହୋଇ ଜଣଙ୍କର ମୃତ୍ୟୁ ଘଟିଲେ ଶରୀରରୁ କିଛି ଅଲଗା ହୋଇଯାଏ ନାହିଁ ।

ଆମ ଶରୀରରେ ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି । ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ବିଭିନ୍ନ ବିଭାଗ ପାଇଁ ବିଶେଷଜ୍ଞ ଡାକ୍ତରମାନେ ଥାଆନ୍ତି । ଯଥା – ଆଖି ପାଇଁ ଚକ୍ଷୁ ବିଶେଷଜ୍ଞ ଡାକ୍ତର, ଚର୍ମ ପାଇଁ ଚର୍ମ ବିଶେଷଜ୍ଞ ଡାକ୍ତର, ଅସ୍ଥି ପାଇଁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର, କିଡ୍‌ନୀ ପାଇଁ ନେଫ୍ରୋଲୋଜି ବିଶେଷଜ୍ଞ ଡାକ୍ତର ଇତ୍ୟାଦି ଥାଆନ୍ତି । କିନ୍ତୁ କୁହନ୍ତୁ ପୃଥିବୀରେ କୌଣସି ମେଡିକାଲ କଲେଜରେ ଆତ୍ମା ବିଶେଷଜ୍ଞ ଡାକ୍ତର ଅଛନ୍ତି କି ? ଏଥିରୁ ଜଣାପଡୁଛି ଶରୀରରେ ଆତ୍ମାର କୌଣସି ଅବସ୍ଥିତି ନାହିଁ ।

ଯେତେବେଳେ ଜଣେ ପର୍ବତ ଆରୋହଣକାରୀଙ୍କୁ ଏଭରେଷ୍ଟରେ ଅକ୍ସିଜେନ୍ ଦରକାର ପଡ଼େ, ସେତେବେଳେ ଆତ୍ମା କେଉଁଠି ଥାଆନ୍ତି?କାହିଁକି ଆତ୍ମା ବଞ୍ଚାଇ ପାରେନାହିଁ, ଅକ୍ସିଜେନ୍ ବଞ୍ଚାଇଥାଏ । ଯଦି କୌଣସି ବ୍ୟକ୍ତିଙ୍କୁ କ୍ଲୋରଫର୍ମ ଶୁଙ୍ଘାଇ ଦିଆଯାଏ ତଥାକଥିତ ଆତ୍ମା ଥିବା ସତ୍ତ୍ୱେ ବ୍ୟକ୍ତିଜଣକ ବେହୋସ୍ ହୋଇଯାଆନ୍ତି ଏବଂ ପୋଟାସିୟମ୍ ସାୟୋନାଇଡ୍ ଜିଭରେ ଛୁଆଇଁ ଦେବା ମାତ୍ରେ ଆତ୍ମା କାହିଁକି ଗାଏବ ହୋଇଯାଆନ୍ତି ? ତେଣୁ ଆତ୍ମା ଆଧାରହୀନ ଏବଂ କାଳ୍ପନିକ ।

ବିଭିନ୍ନ ଧର୍ମର ଅନୁଗତମାନେ କେବେ ପ୍ରଶ୍ନ କରିଛନ୍ତି କି ଯେ ତାଙ୍କ ଧର୍ମର ପ୍ରଚାରପ୍ରସାର ପୂର୍ବରୁ ସେମାନଙ୍କ କଳ୍ପନାର ଈଶ୍ୱର ଓ ସ୍ୱର୍ଗ ତ ନଥିଲା, ସେତେବେଳେ ଯେଉଁ ମଣିଷ ଥିଲେ ସେମାନେ ମଲେ ସ୍ୱର୍ଗକୁ ନଯାଇ କ'ଣ ପୃଥିବୀରେ ରହିଯାଉଥିଲେ । ସେମାନଙ୍କର କ'ଣ ଆତ୍ମା ନଥିଲା? କେବଳ ମରନ୍ତା ଲୋକର ଯଦି ଆତ୍ମା ଥାଆନ୍ତା, ସେ ହିଁ କେବଳ ବାରମ୍ବାର ଜନ୍ମ ନେଉଥାଆନ୍ତା , ତେବେ ଲୋକ ସଂଖ୍ୟା ତ ବଢ଼ନ୍ତା ନାହିଁ । ପ୍ରଥମ ଖ୍ରୀଷ୍ଟାବ୍ଦରେ ୨୫ କୋଟି ଥିବା ପୃଥିବୀର ଲୋକ ସଂଖ୍ୟା ୨୦୨୪ ମସିହା ବେଳକୁ ସାତଶହ ପଚାଶ କୋଟି ହୁଅନ୍ତା କିପରି ? ପୁନରାୟ ପ୍ରଶ୍ନ ଉଠେ ଯେ ଆତ୍ମାମାନେ ଯଦି ବାରମ୍ବାର ପୁନଃଜନ୍ମକ୍ଷମ ତେବେ ଆମ ଗ୍ରହରେ ଜୀବନର ବିକାଶ ପୂର୍ବରୁ ଏ ଆତ୍ମାମାନେ କେଉଁଠି ଥିଲେ? ତେଣୁ ଜାଳେଣି ବିନା ଅଗ୍ନି ଯେପରି ଅସମ୍ଭବ, ଶରୀର ଓ ସ୍ନାୟୁତନ୍ତୁ ବ୍ୟତୀତ ଜୀବନ ଓ ମନର ସ୍ଥିତି ଅସମ୍ଭବ । ମୃତ୍ୟୁ ହିଁ ଜୀବନର ଅବସାନ । ■



ସଂପାଦକ, 'ବୈଜ୍ଞାନିକ ଚର୍ଚ୍ଚା', ଭୁବନେଶ୍ୱର



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଜୁଏଲଙ୍କ ରାଶିରେ ପଞ୍ଚମ ବୃହସ୍ପତି

ସୁନ୍ଦରଗଡ଼ ମଣି ଜୁଏଲଙ୍କ ରାଶିରେ ଏବେ ପଞ୍ଚମ ବୃହସ୍ପତି । ଲୁହାଖଣି ଜିଲ୍ଲାରେ ଶଙ୍ଖ ବଳ ବଢ଼ିବା ସତ୍ତ୍ୱେ ଜୁଏଲ୍ ଖାଲି ସଂସଦକୁ ନିର୍ବାଚିତ ହୋଇ ନାହାନ୍ତି; କେନ୍ଦ୍ରରେ ମୋଦୀ ସରକାରଙ୍କ ତୃତୀୟ ପାଳିରେ ପାୱାରଫୁଲ କ୍ୟାବିନେଟ୍ ମନ୍ତ୍ରୀ ପଦ ବି ପାଇଛନ୍ତି । ଗଲାଥର ରାଜ୍ୟରୁ ୮ ଜଣ ପଦ୍ମ ସାଂସଦ ନିର୍ବାଚିତ ହୋଇଥିଲେ ହେଁ ଜୁଏଲଙ୍କ ପାଳି ପଡ଼ି ନ ଥିଲା; ମାତ୍ର ଏଥର ୨୦ ଜଣ ସାଂସଦ ନିର୍ବାଚିତ ହେବା ସତ୍ତ୍ୱେ କେନ୍ଦ୍ର କ୍ୟାବିନେଟ୍‌ରେ ସାମିଲ ହୋଇଛନ୍ତି ଜୁଏଲ୍ । ଗଲାଥର ମନ୍ତ୍ରୀ ପଦ ନ ମିଳିବା ଯୋଗୁଁ ବାବୁ ଜୁଏଲ ମନମାରି ବସିଲେ, ଏମିତି କି ପ୍ରଧାନମନ୍ତ୍ରୀଙ୍କ ଶପଥ ଉତ୍ସବକୁ ବି ଗଲେ ନାହିଁ । ଭାବୁଥିଲେ ବର୍ଷେ ଖଣ୍ଡେ ବିତିଲେ କାଳେ ତାଙ୍କ କଥା କେହି ମନେ ପକାଇବେ ; ତାହା ବି ହେଲା ନାହିଁ । ବର୍ଷେ ଯାଇ ଦି' ବର୍ଷ ବିତିବାକୁ ବିତିଲା, ତଥାପି ତାଙ୍କୁ କେହି ଲୋଡ଼ିଲେ ନାହିଁ । ବରଂ ବିଶ୍ୱେଶ୍ୱରଙ୍କ ଉପରେ ପଦ୍ମ ଦଳର ଶୀର୍ଷ ନେତୃତ୍ୱ ଆସ୍ଥା ସ୍ଥାପନ କଲେ । ତଥାପି ଜୁଏଲ୍ ଧୈର୍ଯ୍ୟ ନ ହରାଇ ସୁନ୍ଦରଗଡ଼ ମାଟିରେ ପଡ଼ି ରହିଲେ । ଏଥର ନିର୍ବାଚନ ପୂର୍ବରୁ ଦଳକୁ ଦିଲ୍ଲୀପଙ୍କୁ ଫେରାଇ ଆଣିବା କସରତର ସୁଫଳ ତାଙ୍କୁ ମିଳିଛି । ଦିଲ୍ଲୀପ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ପରାଜିତ ହେଲେ ମଧ୍ୟ ତାଙ୍କ ଉଦ୍ୟମ ଯୋଗୁଁ ବିଜେଡିର ଗଡ଼ କୁହାଯାଉଥିବା ରଘୁନାଥପାଲି ଆସନରେ ଦୁର୍ଗାଙ୍କ ବିଜୟ ସମ୍ଭବ ହୋଇଛି । ଜୁଏଲ ନିର୍ବାଚିତ ହୋଇ କେନ୍ଦ୍ରରେ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଛନ୍ତି । ତେଣୁ ଦିଲ୍ଲୀପଙ୍କ ଋଣ ପରିଶୋଧ କରିବାର ସମୟ ଆସିଛି ବୋଲି ଦିଲ୍ଲୀପଙ୍କ ସମର୍ଥକମାନେ କହିବା ଆରମ୍ଭ କରିଛନ୍ତି । ରାଉରକେଲାରେ ମେଡ଼ିକାଲ କଲେଜ ସ୍ଥାପନ ଦାବିରେ ଦିଲ୍ଲୀପ ଦଳ ଛାଡ଼ିଥିଲେ, ଏବେ ଦିଲ୍ଲୀପଙ୍କ ସେହି ଦାବି ପୂରଣ ପାଇଁ ଜୁଏଲ୍ କାର୍ଯ୍ୟ କରନ୍ତୁ ବୋଲି କିଛି ଦିଲ୍ଲୀପ ସମର୍ଥକ ପ୍ରସ୍ତାବ ଦେଇଥିବା ଶୁଣିବାକୁ ମିଳୁଛି । ■




## ଲମ୍ବା ଦୌଡ଼ର ଘୋଡ଼ା

ପାଞ୍ଚ ବର୍ଷ ତଳେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଥିଲେ ବିଧାନସଭାରେ ପଦ୍ମ ଦଳର ସବୁଠୁ ଚର୍ଚ୍ଚିତ ତଥା ଲୋକପ୍ରିୟ ବ୍ୟକ୍ତିତ୍ୱ । ଦଳର ରାଜ୍ୟ ଉପସଭାପତି, ବିଧାନସଭାରେ ଦଳର ଉପନେତା ବିଷ୍ଣୁ କବି ଭାବରେ ଯେତିକି ପରିଚିତି ପାଇଥିଲେ; ଜଣେ ସ୍ପଷ୍ଟବାଦୀ ତଥା ସ୍ୱାଭିମାନୀ ନେତା ଭାବରେ ମଧ୍ୟ ଥିଲେ ସେତିକି ଜଣାଶୁଣା । ୬୧ ବର୍ଷ ବୟସରେ ବିଷ୍ଣୁଙ୍କ ଅକାଳ ବିୟୋଗ ପରେ ତାଙ୍କର ପୁଅ ସୂରଜ ସୂର୍ଯ୍ୟବଂଶୀ ହୋଇଛନ୍ତି ତାଙ୍କ ରାଜନୈତିକ ଉତ୍ତରାଧିକାରୀ । ଉପନିର୍ବାଚନରେ ବିଜୟୀ ସୂରଜ ସ୍ୱଳ୍ପକାଳ ମଧ୍ୟରେ ବିଧାନସଭାରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ । ତାଙ୍କର ପ୍ରତିଭା ପାଇଁ ଏକ ସମୟରେ ଶଙ୍ଖ ଦଳର ସାଙ୍ଗଠନିକ ସମ୍ପାଦକ ମଧ୍ୟ ତାଙ୍କ ପିଠି ଥାପୁଡ଼ାଇ ପ୍ରଶଂସା କରିଥିବା ଦେଖାଯାଇଥିଲା । ଏବେ ୨୦୨୪ ବିଧାନସଭା ନିର୍ବାଚନରେ ପୁଣି ବିଜୟୀ ହୋଇ ମୋହନ ମନ୍ତ୍ରିମଣ୍ଡଳରେ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ପରି ତିନିଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ପାଇଛନ୍ତି ସୂରଜ । ଜଣେ ଯୁବ ମନ୍ତ୍ରୀ ଭାବରେ ଦଳର ଯୁବ କର୍ମୀଙ୍କ ମଧ୍ୟରେ ତାଙ୍କର ଗ୍ରହଣୀୟତା ଶପଥଗ୍ରହଣ ଉତ୍ସବରେ ହିଁ ସ୍ପଷ୍ଟ ହୋଇ ଯାଇଛି । ମନ୍ତ୍ରୀ ପଦ ଶପଥ ନେବାକୁ ସୂରଜଙ୍କ ଆସିବା କ୍ଷଣି ଶପଥ ସମାରୋହ ସ୍ଥଳ ଯେପରି ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହେଲା ଓ ଯୁବ କର୍ମୀ ଯେପରି ଉତ୍ସାହିତ କୋହାହଳ କଲେ, ସେଥିରେ ସ୍ୱାଭାବିକ ଭାବରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରୀୟ ନେତାମାନଙ୍କ ଦୃଷ୍ଟି ସୂରଜଙ୍କ ଆଡ଼କୁ ଆପେଆପେ ଟାଣି ହୋଇ ଯାଇଥିଲା । ମନ୍ତ୍ରୀ ରୂପେ ଶପଥ ନେବାର ୧୦ ଦିନ ମଧ୍ୟରେ ସରକାରରେ ସୂରଜ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିବାକୁ ସକ୍ଷମ ହୋଇ ପାରିଛନ୍ତି । ସଂଯମ ଉଚ୍ଚାରଣ, ଶୃଙ୍ଖଳିତ ବିଚାର ତାଙ୍କର ଗ୍ରହଣୀୟତା କେବଳ ବଢ଼ାଇ ନାହିଁ; ସିଏ ତାଙ୍କ ଦଳର ଲମ୍ବା ଦୌଡ଼ର ଘୋଡ଼ା ହୋଇ ପାରିବେ ବୋଲି ମଧ୍ୟ ଆଭାସ ମିଳିଛି । ■



## ବାଜି ମାରିନେଲେ ତିନି ସାରଦା

ଚଳିତ ନିର୍ବାଚନରେ ବିଧାନସଭାରେ ଦେଖିବାକୁ ମିଳିବ ଏକ ବିରଳ ଦୃଶ୍ୟ । ଏକ ସମୟରେ ବିଧାନସଭାକୁ ପ୍ରବେଶ କରିଛନ୍ତି ତିନି ସାରଦା । ରାଉରକେଲାରୁ ସାରଦା ନାୟକ ଓ ବାଲିକୁଦା ଏରସମାରୁ ସାରଦା ଜେନା ଶଙ୍ଖ ଦଳ ଟିକଟରେ ବିଜୟୀ ହୋଇଥିବାବେଳେ ମାହାଙ୍ଗାରୁ ସାରଦା ପ୍ରଧାନ ସ୍ୱାଧୀନ ନିର୍ବାଚିତ ହୋଇଛନ୍ତି । ରାଉରକେଲା ସାରଦା ରାଜନୀତିର ପୁରୁଖା ଖେଳାଳି; ୩ଥର ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି, ୨ଥର ମନ୍ତ୍ରୀ ପଦ ପାଇଛନ୍ତି । ଅନ୍ୟ ଦୁଇ ସାରଦା ବିଧାନସଭାକୁ ପ୍ରଥମ ଥର ନିର୍ବାଚିତ ହୋଇଥିଲେ ହେଁ ସେମାନେ ବି କମ୍ ଖେଳୁଆଡ଼ ନୁହନ୍ତି ବୋଲି ପ୍ରମାଣିତ କରିଛନ୍ତି । ଗଲା ଦୁଇଟି ନିର୍ବାଚନରେ ସ୍ୱାଧୀନ ଓ ବିଜେପିର ପ୍ରାର୍ଥୀ ଭାବରେ ସଫଳତାର ସ୍ୱାଦ ଚାଖି ନ ଥିବା ସାରଦା ପ୍ରଧାନ ଏଥର ଅଳ୍ପକେ ବିଜେପି ଟିକଟରୁ ବଞ୍ଚିତ ହୋଇଥିଲେ ହେଁ ସ୍ୱାଧୀନ ଭାବରେ ବିଜୟୀ ହୋଇ ନିଜ ପାରିବା ପଣିଆ ଦେଖାଇଛନ୍ତି । ରାଉରକେଲାରୁ ସାରଦା ନାୟକ ବିଜେପିର ଟାଣୁଆ ନେତା ଦିଲ୍ଲୀପ ରାୟଙ୍କୁ ଦ୍ୱିତୀୟ ଥର ପରାସ୍ତ କରି ନିର୍ବାଚିତ ହୋଇଛନ୍ତି; ମାତ୍ର ବାଲିକୁଦା ଏରସମାରୁ ନିର୍ବାଚିତ ସାରଦା ଜେନା ବି ପଛରେ ନାହାନ୍ତି । ପଦ୍ମ ଦଳିଆ ପ୍ରାର୍ଥୀଙ୍କୁ ୨୫ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରି ବିରୋଧୀଙ୍କ ସବୁ ଅଙ୍କକୁ ଭୁଲ୍ ପ୍ରମାଣିତ କରିଛନ୍ତି । ମାହାଙ୍ଗା ସାରଦାଙ୍କ ପରି ବାଲିକୁଦା ସାରଦାଙ୍କ ରାଜନୈତିକ ଯାତ୍ରାପଥ ବେଶ୍ ଦୀର୍ଘ । ସମିତି ସଭ୍ୟରୁ ରାଜନୈତିକ ଜୀବନ ଆରମ୍ଭ କରି କ୍ରମାଗତ ଭାବରେ ୪ଥର ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇ ପରାଜିତ ହୋଇଥିଲେ । ମାତ୍ର ଏଥର ଶଙ୍ଖ ଦଳର ବିଧାୟକ ରୂପେ ବିପୁଳ ବ୍ୟବଧାନରେ ସିଏ ନିର୍ବାଚିତ ହୋଇଛନ୍ତି । ତେବେ ବିଧାନସଭାରେ ୩ ସାରଦାଙ୍କ ମଧ୍ୟରୁ କିଏ ବେଶୀ ପ୍ରଭାବଶାଳୀ ହେବ ଖାଲି ଦେଖିବାକୁ ବାକି । ■



## ତାରାଙ୍କ ଖୁସି କହିଲେ ନ ସରେ

କୋରାପୁଟିଆ ହାତ ପାର୍ଟି ନେତା ତାରା ବାହିନୀପତିଙ୍କ ଖୁସି ଏବେ କହିଲେ ନ ସରେ । ରାଜ୍ୟରେ ପଦ୍ମ ଦଳର ବିଜୟ ଯାତ୍ରା ସତ୍ତ୍ୱେ ଦକ୍ଷିଣ ଓଡ଼ିଶାରେ କଂଗ୍ରେସର ଅଭ୍ୟୁଦୟ, କୋରାପୁଟ ଲୋକସଭା ଆସନରେ ସାଂସଦ ସପ୍ତଗିରି ନିଜ ଆସନ ବଜାୟ ରଖିବା, ନିଜେ ତାରା ଜୟପୁର ଆସନରୁ ହ୍ୟାଟ୍ରିକ୍ କରିବା ତ ଅନେକଙ୍କ ପାଇଁ ସ୍ୱପ୍ନ ପ୍ରାୟ । ଦଳର ରାଜ୍ୟ ସଭାପତି, ଦୁଇ ପୂର୍ବତନ ସଭାପତି, ପ୍ରଚାର କମିଟି ଅଧ୍ୟକ୍ଷ ମାଟି କାମୁଡ଼ିଥିବାବେଳେ ତାରାଙ୍କ ହ୍ୟାଟ୍ରିକ୍ କେଉଁ ଛୋଟ କଥା କି? ସବୁଠାରୁ ବଡ଼ କଥା ହେଉଛି ରାଜ୍ୟରେ କଂଗ୍ରେସର ଭୋଟ ହାର ଦୁଇ ପ୍ରତିଶତ କମିଥିବା ସତ୍ତ୍ୱେ ବିଧାନସଭାରେ ଆସନ ସଂଖ୍ୟା ୫୦% ବୃଦ୍ଧି ପାଇ ଦୁଇ ଅଙ୍କରେ ପହଞ୍ଚି ଭବିଷ୍ୟତ ପାଇଁ ଏକ ଆଶା ସଞ୍ଚାର କରିଛି । ଏପଟେ ପୁଣି ବେବାକ୍ ତାରା ହାତ ପାର୍ଟି ବିଧାୟକ ଦଳର ନେତା ହେବେ ବୋଲି ଖବର ଉଡ଼ି ବୁଲୁଛି । ଚଳିତ ନିର୍ବାଚନରେ ହାତ ପାର୍ଟିର ଯେତେ ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି; ସେମାନଙ୍କ ମଧ୍ୟରୁ ତାରା ହେଉଛନ୍ତି ଅଭିଜ୍ଞ । କୋରାପୁଟ ଓ ଜୟପୁର ବିଧାନସଭା ଆସନରୁ ୪ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୧୪ରେ ବିରୋଧୀ ଦଳ ମୁଖ୍ୟ ସଚେତକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ଯଦିଓ ରାଜନ ଏକ୍କାଙ୍କ ପରି ପାଠୁଆ ନେତା ଦୁଇଥର ନିର୍ବାଚିତ ହୋଇଛନ୍ତି ଓ ବୟସ ଦୃଷ୍ଟିରୁ ଅନ୍ୟ ବିଧାୟକ ଅଛନ୍ତି; ତଥାପି ତାରା ବିଧାନସଭାରେ ତାଙ୍କ ଦଳକୁ ଉପଯୁକ୍ତ ମାର୍ଗଦର୍ଶନ ଦେଇ ପାରିବେ ବୋଲି ଅନେକ ବିଶ୍ୱାସ ରଖିଛନ୍ତି । ତା' ଛଡ଼ା ଦଳର ସଂଖ୍ୟାଧିକ ବିଧାୟକ ତାଙ୍କୁ ସମର୍ଥନ କରୁଥିବା ଜାଣି ତାରା ଏବେ ଭାରି ଖୁସି । ସେଥିପାଇଁ ବିଧାନସଭାରେ ବିରୋଧୀ ଦଳ ନେତା ନବୀନଙ୍କ ପ୍ରଶ୍ନରେ ତାରା କହିଛନ୍ତି- ଆଇ ଆମ୍ ଭେରିଭେରି ହାପ୍ପି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।